ଧରିତ୍ରୀ
DHARITRI
November 3-9, 2024 ₹ 2/-

ଧରିତ୍ରୀ 50 Years

# ଛୁଟିଦିନ



ମରଣ ପରେ ବି

# ସାଥୀପଣ

ପତି-ପତ୍ନୀ! ଦୁହେଁ ଦୁହିଁଙ୍କୁ ପ୍ରତିଶ୍ରୁତି ଦିଅନ୍ତି ସାତଜନ୍ମ ପାଇଁ ହାତ ନ ଛାଡିବାର। ହେଲେ କାଳର ଆବର୍ତ୍ତ ଭିତରେ ଏମାନେ ହରେଇଛନ୍ତି ନିଜ ଜୀବନସାଥୀଙ୍କୁ। ତଥାପି ଭୁଲି ନାହାନ୍ତି ଜୀବନସାଥୀଙ୍କ ସ୍ମୃତିକୁ ବଞ୍ଚେଇ ରଖିବା ସହ ତାଙ୍କ ଅସମ୍ପୂର୍ଣ୍ଣ କାମକୁ ପୂରା କରିବାର ...

ପ୍ରଚ୍ଛଦ ପ୍ରସଙ୍ଗ
୩

# ସୁଖଶାନ୍ତି ବୃଦ୍ଧି ପାଇଁ...

ବେଳେବେଳେ ଦେଖାଯାଏ, କିଛି କାରଣ ନଥାଇ ବି ଛୋଟ ଛୋଟ କଥାକୁ ନେଇ ଘରେ ଝଗଡ଼ା ଲାଗେ, ସମ୍ପର୍କରେ ଫାଟ ସୃଷ୍ଟି ହୁଏ। ଘରୁ ସୁଖଶାନ୍ତି କୁଆଡ଼େ ହଜିଗଲା ଭଳି ଅନୁଭବ ହୁଏ। ଏ କ୍ଷେତ୍ରରେ ଘରେ କିଛି ବାସ୍ତୁଦୋଷ ରହିଥିବା ସନ୍ଦେହ କରାଯାଏ। ଏଥିରୁ କେମିତି ମୁକ୍ତି ପାଇହେବ ଜାଣନ୍ତୁ ସେ ସମ୍ପର୍କରେ...

✲ ଘରର ଉତ୍ତର ଦିଗରେ ତୁଳସୀ କିମ୍ବା ଅଁଳା ଗଛ ଲଗାଇବା ଦ୍ୱାରା



ଘରର ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ସମ୍ପର୍କରେ ନିବିଡ଼ତା ଆସିଥାଏ ବୋଲି ବିଶ୍ୱାରହିଛି।

✲ କୁହାଯାଏ, ପ୍ରତି ଗୁରୁବାର ଦିନ ତୁଳସୀ ଚଉରାରେ କିଛି କ୍ଷୀର ଢାଳିଲେ ଘରେ ଅଯଥାରେ କଳହ ଲାଗେ ନାହିଁ। ଏହି ଉପାୟ ଦ୍ୱାରା ସୁଖଶାନ୍ତି ବି ବୃଦ୍ଧି ପାଇଥାଏ।

✲ ଘରର ଦକ୍ଷିଣ-ପୂର୍ବ କୋଣରେ ସବୁଜିମାଭରା ଚିତ୍ର ଲଗାଇବା ଦ୍ୱାରା ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ।

✲ ଘରର ଡ୍ରଇଁ ରୁମ୍‌ରେ ସନ୍ଥ ମହାତ୍ମାଙ୍କ ଆଶୀର୍ବାଦ ଭଙ୍ଗୀର ଫଟୋ ଲଗାଇବା ବି ଘର ପାଇଁ ଶୁଭ ହୋଇଥାଏ।

✲ ସୋରିଷ ତେଲରେ ଲବଙ୍ଗ ପକାଇ ଦୀପ ଜଳାଇଲେ ମଧ୍ୟ ଘରେ ଶାନ୍ତି ବଢିଥାଏ ବୋଲି ବିଶ୍ୱାସ ରହିଛି।

✲ ଯେଉଁ ଫର୍ଣିଚର୍‌ର କୋଣଗୁଡ଼ିକ ଗୋଲାକାର ଆକୃତିର ହୋଇଥିବ ସେହି ଫର୍ଣ୍ଣିଚର୍‌କୁ ଘରେ ପକାଇବା ଶୁଭ ହୋଇଥାଏ।

✲ ଘରେ ଲାଗିଥିବା ପାଣି ଟ୍ୟାପ୍‌ରୁ ଯେମିତି ପାଣି ଲିକ୍ କରୁନଥିବ ଏବଂ ଜଳ ନିଷ୍କାସନର ବ୍ୟବସ୍ଥା ଘରର ପୂର୍ବ କିମ୍ବା ଉତ୍ତର ଦିଗରେ କଲେ ଘରେ ଶାନ୍ତି ରହିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୩-୯

**ମେଷ** – ଦୂରଯାତ୍ରା ପ୍ରୀତିପ୍ରଦ ରହିବ, ସଠିକ୍ ନିଷ୍ପତି ନେବେ, କାର୍ଯ୍ୟ ସାଧିତ ହେବ, ସୁସ୍ଥତା ଫେରି ଆସିବ, ଆର୍ଥିକସ୍ଥିତି ଭଲ ରହିବ, ସାହିତ୍ୟ ସଙ୍ଗୀତରେ ସୁନାମ, ଜମିଜମା ବିବାଦ, ପରିବହନରେ ସମସ୍ୟା, ପରିବାରରେ ଉତ୍ତମ ବୁଝାମଣା ॥

**ବୃଷ** – କର୍ମଜଞ୍ଜାଳ ବୃଦ୍ଧି, ଆର୍ଥିକ ଦୁରବସ୍ଥା, ବିବାଦଗ୍ରସ୍ତ ହୋଇପାରନ୍ତି, ବ୍ୟବସାୟରେ ଉନ୍ନତି, ମୂଲ୍ୟବାନ ଦ୍ରବ୍ୟ ଲାଭ, ଉପରିସ୍ଥଙ୍କ ସୁବିଚାର, କଥାରେ ବନ୍ଧୁଙ୍କୁ ଆପଣାର କରିବେ, ମନୋରଞ୍ଜନ କାର୍ଯ୍ୟରେ ରୁଚି, ଦୂରଯାତ୍ରା କରିବାକୁ ପଡିପାରେ ॥

**ମିଥୁନ** – ସ୍ୱାସ୍ଥ୍ୟ ଭଲ ରହିବ, କର୍ମକ୍ଷେତ୍ରରେ ପ୍ରତିକୂଳତା, ଭଲ ରୋଜଗାର କରିବେ, କଳାରେ ଉତ୍କର୍ଷତା, ସାହିତ୍ୟାନୁରାଗ, ପ୍ରଶାସନିକ ସମସ୍ୟା ସମାଧାନ, ପାରିବାରିକ ସହମତି, କାର୍ଯ୍ୟସିଦ୍ଧି ଘଟିବ, ମାଲି ମକଦ୍ଦମାରେ ବିଜୟ ॥

**କର୍କଟ** – କାର୍ଯ୍ୟରେ ସଫଳତା ପାଇବେ, ବିଳାସର ମଉକା ଜୁଟିବ, ଅଭିଳଷିତ ଦ୍ରବ୍ୟ ମିଳିବ, ଅର୍ଥନୈତିକ ଅଭିବୃଦ୍ଧି, ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ, ବ୍ୟବସାୟରେ ଉନ୍ନତି, ବନ୍ଧୁମିଳନରୁ ଖୁସି ରହିବେ ॥

**ସିଂହ** – କର୍ମକ୍ଷେତ୍ରରେ ସମସ୍ୟା, ବନ୍ଧୁଙ୍କ ପରାମର୍ଶ, ସମସ୍ୟା ସମାଧାନ, ପରୋକ୍ଷ ସମାଲୋଚନା, ଅପ୍ରିୟଭାଷଣରୁ ବିରୋଧ, ପାରିବାରିକ ଅଶାନ୍ତି, ଉଦାସୀନ ରହିବେ, ଘର ସଜେଇ ପାରନ୍ତି, ବନ୍ଧୁମାନଙ୍କ ସହ ଭ୍ରମଣ, ଆର୍ଥିକ ସଂକଟ ଲାଗି ରହିବ ॥

**କନ୍ୟା** – ଖର୍ଚ୍ଚଭାର ବୃଦ୍ଧି, ମାନସିକ ଦୁଃଶ୍ଚିନ୍ତା, ବନ୍ଧୁ ମାନଙ୍କ ସହାୟତା, ପରିକଳ୍ପିତ ପ୍ରସ୍ତୁତି ଆରମ୍ଭ, ମାନସିକ ସ୍ଥିତି ଭଲ ରହିବ, ସମ୍ପର୍କୀୟଙ୍କ ସହ ମିତ୍ରତା, ଶିଳ୍ପବାଣିଜ୍ୟରେ ଉନ୍ନତି, ବ୍ୟବସାୟରେ କ୍ଷତିର ଆଶଙ୍କା, ପରିବାରରୁ ପ୍ରତିରୋଧ ॥

**ତୁଳା** – କର୍ମକ୍ଷେତ୍ରରେ ବିଶୃଙ୍ଖଳା, ସହକର୍ମୀଙ୍କ ଆଶ୍ୱାସନା, ସଭାସମିତିକୁ ଆହ୍ୱାନ, ପାରିବାରିକ ତିକ୍ତତା, ଧର୍ମକାର୍ଯ୍ୟରେ ବ୍ୟସ୍ତତା, ପ୍ରକାଶନରେ ବିଳମ୍ବ, ପ୍ରଶାସନିକ ସଫଳତା, ଦୂରଯାତ୍ରାର ସୁଯୋଗ, ଆର୍ଥିକ ପ୍ରଗତି ॥

**ବିଛା** – ଦୃଢ ପଦକ୍ଷେପ ନେବେ, ପାରିବାରିକ ସମର୍ଥନ, ପ୍ରତିବନ୍ଧକ ଦୂରହେବ, ଅଭାବ ରହିପାରେ, ଅସୁସ୍ଥ ମାନସିକତା, ପାରିବାରିକ ସମସ୍ୟା, ଭାରାକ୍ରାନ୍ତ ମନ, ବନ୍ଧୁଙ୍କ ଆଶ୍ୱାସନା, ଭ୍ରମଣ ଜନିତ କ୍ଳାନ୍ତିବୋଧ, ଆଶା ଫଳବତୀ ହେବ ॥

**ଧନୁ** – ସ୍ୱାସ୍ଥ୍ୟ ଭଲ ରହିବ, ସାହାଯ୍ୟ ସହଯୋଗ ପାଇବେ, ଅର୍ଥ ସଂଗ୍ରହରେ ତତ୍ପରତା, ଟେନ୍‌ସନ କମିଯିବ, ମୂଲ୍ୟବାନ ଦ୍ରବ୍ୟ ପାଇବେ, ସରକାରୀସ୍ତରରୁ ସହାୟତା ପ୍ରାପ୍ତି,ପାରିବାରିକ ଭୁଲ୍ ବୁଝାମଣା, ଭ୍ରାତୃ ସମ୍ପର୍କ ଭଲ ରହି ନ ପାରେ, ବାଣିଜ୍ୟ ମାନ୍ଦା ହେବ ନାହିଁ, ଆଶା ପୂରଣ ହେବ ॥

**ମକର** – ସମସ୍ୟାକୁ ନିୟନ୍ତ୍ରଣ କରିବେ, ବିବାଦର ସମାଧାନ, ସଫଳତା ଅର୍ଜନ କରିବେ, ପରିବହନରେ ସୁଫଳ, ପରିସ୍ଥିତିକୁ ସଜାଡି ନେବେ, ଶୁଣାଣି ବିଳମ୍ବରେ ଘଟିବ, ମନ ଅସ୍ଥିର ରହିବ, ଉଚ୍ଚବର୍ଗଙ୍କ ପରାମର୍ଶ, ବ୍ୟବସାୟରେ ଲାଭ, ରିସ୍କ ପଦକ୍ଷେପ ଗ୍ରହଣ କରିବେ, ବନ୍ଧୁଙ୍କ ବିଶୃଙ୍ଖଳିତ ଆଚରଣ ॥

**କୁମ୍ଭ** – ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ, କ୍ରୀଡାଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ, ବନ୍ଧୁଙ୍କ ବିଶ୍ୱାସଘାତକତା, ଉପରିସ୍ଥଙ୍କ ଶ୍ରଦ୍ଧାଭାଜନ ହେବେ, ଆର୍ଥିକସ୍ଥିତି ବଦଳିଯିବ, ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି, ନୂତନ ବନ୍ଧୁତ୍ୱ ସୃଷ୍ଟି, ସନ୍ତାନଙ୍କ କୃତିତ୍ୱ, ଋଣଗ୍ରସ୍ତ ହୋଇପାରନ୍ତି ॥

**ମୀନ** – ଶୁଭ ଖବର ପାଇବେ, ସ୍ଥଗିତ କର୍ମାରମ୍ଭ, ଭ୍ରାତୃ ସମ୍ପର୍କରେ ଉନ୍ନତି, ଭାଙ୍ଗିଥିବା ସମ୍ପର୍କ ଯୋଡି ହେବ, ବୃତ୍ତିଗତ ଧନ୍ଦାରେ ପ୍ରତିବନ୍ଧକ, ଆର୍ଥିକ ସଂକଟ ଦୂର ହେବ, କାମ ହାସଲ କରିବେ, ଗୁରୁବର୍ଗଙ୍କ ପ୍ରେରଣା ପାଇବେ, ପୁରାଣ ପଠନରେ ଶ୍ରଦ୍ଧା, ଧର୍ମକାର୍ଯ୍ୟରେ ରୁଚି, ବକେୟା ଅର୍ଥଲାଭ ॥

# ଫୁର୍ତ୍ତି ରହିବେ କିପରି...

ଯେ କୌଣସି କାମ ହେଉନା କାହିଁକି, ତାକୁ କରିବା ପାଇଁ ଶାରୀରିକ ଓ ମାନସିକ ସ୍ତରରେ ସର୍ବଦା ପ୍ରସ୍ତୁତ ରହିବାକୁ ଫୁର୍ତ୍ତି ବା ଆକ୍ଟିଭ୍‌ନେସ୍ କୁହାଯାଏ। ଯେଉଁ ବ୍ୟକ୍ତି ଜୀବନରେ ଯେତେ ଫୁର୍ତ୍ତି ଥାନ୍ତି, ତାଙ୍କୁ ସଫଳତା ସେହି ମାତ୍ରାରେ ହିଁ ମିଳିଥାଏ। ତେଣିକି ସେ ପାଠପଢା ହେଉ ଅବା ଖେଳକୁଦ କିମ୍ବା କ୍ୟାରିୟର୍। ତେବେ ଏହି ଫୁର୍ତ୍ତିପଣକୁ ବଢାଇବା ପାଇଁ



ସେମିତି କିଛି ଖାସ୍ କାମ କରିବାର ଆବଶ୍ୟକତା ନଥାଏ। କେତୋଟି ସହଜ ଉପାୟ ଆପଣେଇ ମଧ୍ୟ ନିଜକୁ ଫିଟ୍ ରଖିବା ସହ ମନ ଭିତରେ ଆକ୍ଟିଭ୍‌ନେସ୍‌କୁ ବଢାଇହେବ। ଯେମିତିକି: ଠିକ୍ ସମୟରେ ସୁଷମ ଖାଦ୍ୟ ଖାଇବା ଓ ପ୍ରର୍ଯ୍ୟାପ୍ତ ପାଣି ପିଇବା। ରାତିରେ ଅନ୍ତତଃ ୮ ଘଣ୍ଟା ଭଲରେ ଶୋଇବା। କାରଣ ରାତିରେ ଭଲ ନିଦ ନହେଲେ ତା'ପରଦିନ କୌଣସି କାମ କରିବାକୁ ଇଚ୍ଛା ହୁଏନି, ଚିଡିଚିଡ଼ି ଲାଗେ, ଅଳସ ଲାଗେ। ସେହିପରି ପ୍ରତିଦିନ ବ୍ୟାୟାମ୍ କଲେ ବି ଶରୀର ଫୁର୍ତ୍ତି ରହିଥାଏ। ଆବଶ୍ୟକ ପଡିଲେ ସକାଳୁ କିଛି ସମୟ ଜଗିଙ୍ଗ୍ କରିପାରିବେ ; ଏହାଦ୍ୱାରା ଶରୀରରେ ଥିବା ଚର୍ବି ଅଂଶ କମିବା ସହ ରକ୍ତ ସଞ୍ଚାଳନ ଠିକ୍‌ରେ ହୋଇଥାଏ। ଦରକାର ହେଲେ କିଛି ସମୟ ଆଉଟ୍‌ଡୋର୍ ଗେମ୍ ବି ଖେଳିପାରିବେ ; ଏହା ବି ମସ୍ତିଷ୍କ ଉପରେ ଭଲ ପ୍ରଭାବ ପକାଇଥାଏ। ଏଥିସହିତ ନିଶାସେବନଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖିବା ସହ ଚିନ୍ତାମୁକ୍ତ ରହିବେ ଉଭୟ ଶାରିରୀକ ଓ ମାନସିକ ସ୍ତରରେ ଆପଣ ସେତେ ଦୃଢ ହୋଇପାରିବେ ଆଉ ଫୁର୍ତ୍ତି ଅନୁଭବ କରିପାରିବେ।

# ପାଠକୀୟ

✲ ସୁସ୍ଥ ପରିବେଶ ସହ ସବୁଜିମା ଫେରାଇ ଆଣିବାକୁ ଅଣ୍ଟା ଭିଡୁଛନ୍ତି ଏବେ ପରିବେଶ ପ୍ରେମୀମାନେ। ସେମିତି କେତେଜଣ ପରିବେଶ ପ୍ରେମୀଙ୍କ ଜୀବନ କାହାଣୀକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସବୁଜିମାର ସ୍ୱପ୍ନ'ଟି ବେଶ୍ ମନଛୁଆଁ ହୋଇଥିଲା। 'ବାସ୍ତୁଦୋଷ ଦୂର କରିବା ପାଇଁ', 'ଗୁଣକାରୀ ଅଁଳା ଗଛ' ଆଦି ପାଠଗୁଡ଼ିକରୁ ବହୁ ଅଜଣା କଥା ଜାଣିବାକୁ ମିଳିଲା।

*– ଦ୍ୟୁତି ପ୍ରଧାନ, ପୋଖରୀପୁଟ, ଭୁବନେଶ୍ୱର*

✲ ସହରୀକରଣ ଯେଉଁଭଳି ବଢି ଚାଲିଛି ସେହି ଅନୁପାତରେ କମି କମି ଚାଲିଛି ବୃକ୍ଷଲତାର ସଂଖ୍ୟା। ପରିବେଶ ପାଇଁ ଏହି ଯେଉଁ ବିପଦ ଦେଖା ଦେଇଛି ତାକୁ ଉଦ୍ଧାର କରିବା ପାଇଁ କିଛି ପରିବେଶପ୍ରେମୀ ଅଣ୍ଟା ଭିଡ଼ିଛନ୍ତି। ସେମିତି କେତେଜଣ ପରିବେଶପ୍ରେମୀଙ୍କର ଉଲ୍ଲେଖନୀୟ କାର୍ଯ୍ୟ ସମ୍ପର୍କରେ ଜାଣିବା ପାଇଁ ଛୁଟିଦିନ ତରଫରୁ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ସବୁଜିମାର ସ୍ୱପ୍ନ' ଶୀର୍ଷକ ଆଲେଖ୍ୟଟି ବେଶ୍ ଶିକ୍ଷଣୀୟ ଥିଲା। ସେଲିବ୍ରିଟି ସିକ୍ରେଟ୍‌ରୁ କରାଟେକା ଭାଲେନା ଭାଲେଣ୍ଟିନାଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ରଶ୍ମିତା ସାହୁ, ରାଣୀହାଟ, କଟକ*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ସ୍ତ୍ରୀ ଲୋକ', 'ପାହିଯାଉ ଏଇ ରାତି' ଶୀର୍ଷକ ଗପ ଦୁଇଟି ବେଶ୍ ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ପୂଜା ହେଗଡେଙ୍କ ଫଟୋଟି ଖୁବ୍ ସୁନ୍ଦର ଦେଖାଯାଉଥିଲା। ସାହିତ୍ୟିକ ତଥା ଶିକ୍ଷାବିତ୍ ଶ୍ରୀବିଷ୍ଣୁପ୍ରସାଦ ଦଳେଇଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ମନଛୁଆଁ ଥିଲା।

*– ରମେଶ ମହାନ୍ତି, ଫୁଲବାଣୀ*

✲ ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଡେନିମ୍ ଶାଢି ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ଅନନ୍ୟା ବେଶ୍ ସୁନ୍ଦରୀ ଲାଗୁଥିଲେ। ସହରଠୁ ଦୂର ପୃଷ୍ଠାରୁ 'ଜିରୋ ଉପତ୍ୟକା' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ପକ୍ଷୀମାନେ ଭି ଆକାରରେ ଉଡ଼ନ୍ତି କାହିଁକି' ଶୀର୍ଷକ ପାଠଟିରୁ ବହୁ ଉପାଦେୟ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ସୁଶୀଲ ମୁଖାର୍ଜୀ, ଝାରସୁଗୁଡ଼ା*

✲ ବ୍ୟଙ୍ଗ ପୃଷ୍ଠାରୁ 'ଅସତ୍ୟର ଜୟ' ଶୀର୍ଷକ ପାଠଟି ପଢି ଖୁସି ଲାଗିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଭାଲୁ ସ୍ଲିପିଂ ବ୍ୟାଗ୍', 'ଡଙ୍କି ବାସ୍କେଟବଲ୍', 'ଖାଇପାରିବେ ଏହି ଏଫ୍‌୧ କାର୍‌କୁ' ଆଦି ପାଠଗୁଡ଼ିକ ମନଛୁଆଁ ହେବା ସହ ଆଶ୍ଚର୍ଯ୍ୟକର ଲାଗୁଥିଲା। ତା'ଛଡ଼ା ହାଃ ହାଃ ବି ଖୁବ୍ ମଜାଦାର୍ ଥିଲା।

*– ସୌମ୍ୟଶ୍ରୀ ଖୁଣ୍ଟିଆ, ରାଉରକେଲା*

## ବିଶେଷ ଚିଠି




ସବୁଜିମାର ସ୍ୱପ୍ନ ବିଷୟକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ଭାରି ନିଆରା
ମନେ ଭରୁଥିଲା ଅଜସ୍ର ଆନନ୍ଦ।
ସିନେମା, ସାଥୀ ପୃଷ୍ଠା ବି ଥିଲା
ଭାରୀ ଚମତ୍କାର,
ତା'ସାଙ୍ଗକୁ ମନ କିଣି ନେଉଥିଲା
ତୁମ ମଡେଲ୍ ମିରର୍।
ହେ ପ୍ରିୟ ଛୁଟିଦିନ
ତୁମକୁ ଝୁରୁଛି ମୁଁ ରାତିଦିନ।

*– ଅମରେଶ ମହାନ୍ତି, ସାତଶଙ୍ଖ, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



**ପତି-ପତ୍ନୀ! ଦୁହେଁ ଦୁହିଁଙ୍କୁ ପ୍ରତିଶ୍ରୁତି ଦିଅନ୍ତି ସାତଜନ୍ମ ପାଇଁ ହାତ ନ ଛାଡିବାର। ହେଲେ କାଳର ଆବର୍ତ୍ତ ଭିତରେ ଏମାନେ ହରେଇଛନ୍ତି ନିଜ ଜୀବନସାଥୀଙ୍କୁ। ତଥାପି ଭୁଲି ନାହାନ୍ତି ଜୀବନସାଥୀଙ୍କ ସ୍ମୃତିକୁ ବଞ୍ଚେଇ ରଖିବା ସହ ତାଙ୍କ ଅସମ୍ପୂର୍ଣ୍ଣ କାମକୁ ପୁରା କରିବାର ...**

## ମରଣ ପରେ ବି
# ସାଥୀପଣ

ହାତ ଧରାଧରି ହୋଇ ଆରମ୍ଭ କରନ୍ତି ପତି–ପତ୍ନୀ ଯୁଗଳ ଜୀବନ। ଦୁହେଁ ଦୁହିଁଙ୍କୁ ପ୍ରତିଶ୍ରୁତି ଦିଅନ୍ତି ସାତଜନ୍ମ ପାଇଁ ହାତ ନ ଛାଡିବାର। ସମ୍ପର୍କର ଦର୍ପଣରେ ସେମାନେ ଦେଖନ୍ତି ପରସ୍ପରର ପ୍ରତିବିମ୍ବ । ଦାମ୍ପତ୍ୟର ସେହି ଆଶୀର୍ବାଦିତ ସମ୍ପର୍କ ଯାହା ଜଣଙ୍କୁ ଆଉ ଜଣଙ୍କର ବିସ୍ତାର କରି ଗଢ଼ି ତୋଳେ । ଜଣେ ଜଣଙ୍କ ପାଇଁ 'ଅଛି'ର ପ୍ରତ୍ୟୟରେ ଉଜ୍ଜ୍ୱଳ କରେ । ବିଡ଼ମ୍ବନା ହେଉଛି ଏହିସବୁ ପ୍ରତିଶ୍ରୁତି ଶୁଣି ମଧ୍ୟ ନେପଥ୍ୟରେ କାଳ ହସୁଥାଏ କେବେ କେବେ ବିଦ୍ରୂପର ହସ। କେତେ ବର୍ଷ ପରେ ଜଣେ କେହି କାଳ କବଳିତ ହୁଏ। ଯେଉଁ ଜଣକ ରହିଯାଏ ସେ ସ୍ମୃତିକୁ ସମ୍ବଳ କରେ। ନିଜେ ବଞ୍ଚିଥିବା ଯାଏ ଆର ଜଣକୁ ବଞ୍ଚାଇ ରଖିବାର ଏକ ଅଦମ୍ୟ ମାନବୀୟ ଅଭିପ୍ସା ସ୍ମୃତି ମାଧ୍ୟମରେ। ସାହିତ୍ୟ କ୍ଷେତ୍ରରେ କାମକରୁଥିବା ପାଞ୍ଚଜଣ ନାରୀ ବ୍ୟକ୍ତିତ୍ୱ ଯିଏକି କାଳର ଆବର୍ତ୍ତ ଭିତରେ ହରାଇଛନ୍ତି ନିଜ ନିଜର ଜୀବନସାଥୀଙ୍କୁ। ଆଖିରୁ ଲୁହ ନୁହେଁ ରକ୍ତ ନିଗାଡ଼ିଛନ୍ତି। ହେଲେ ପୁଣି ଅଣ୍ଟାସଳଖି ଛିଡା ହୋଇଛନ୍ତି ପୁଣିଥରେ। ଜୀବନ ସାଥୀଙ୍କ ସ୍ମୃତିକୁ ସମ୍ବଳ କରି ତାଙ୍କୁ ଦେଇଛନ୍ତି ନୂଆ ଜୀବନ। ସ୍ୱାମୀଙ୍କ ସର୍ଜନର ପ୍ରଚାର ପ୍ରସାର କରିବାର ସେମାନଙ୍କ ନିରନ୍ତର ନିଷ୍ଠା ପଛରେ ଅଛି ଏକ ମରଣ ବିଜୟୀ ସ୍ୱପ୍ନ....

### ଯାହା ବି କରୁଛି ଲୋକଙ୍କର ତାଙ୍କ ପ୍ରତି ଥିବା ଭଲପାଇବା ପାଇଁ କରିପାରୁଛି: ସରୋଜିନୀ ସାହୁ

ଲେଖନ୍ତି ତାଙ୍କ ଫଟୋ ପାଖରେ, ସାକ୍ଷାତକାର ଦିଅନ୍ତି ସେହି ଫଟୋ ପାଖରେ, ଯାଉଣୁ ଆସୁଣୁ ଦେଖୁଥାଆନ୍ତି ଫଟୋକୁ, ଏତେ ବଡ଼ ଘରେ ସେ ଏକାକିନୀ ନୁହନ୍ତି ତାଙ୍କ ସହ ତାଙ୍କ ଜୀବନସାଥୀ ଜଗଦୀଶ ଅଛନ୍ତି ବୋଲି ନିରନ୍ତର ଭାବି ହେଉଥାଆନ୍ତି। ସ୍ୱାମୀ ଜଗଦୀଶଙ୍କ ନିଘାରେ ତାଙ୍କ ସର୍ଜନାର ସକାଳ ହୁଏ, ନିଦେଇ ବି ଯାଆନ୍ତି ଶୁଣି ଶୁଣି ପ୍ରିୟ ଜଗଦୀଶଙ୍କ ସ୍ମୃତିର ଗଜଲରେ । ବିଶିଷ୍ଟ ଭାରତୀୟ ଲେଖିକା, ସାହିତ୍ୟ ଏକାଡେମୀ ପୁରସ୍କାର, ଶାରଳା ପୁରସ୍କାର ଭଳି ଅନେକ ମର୍ଯ୍ୟାଦାଜନକ ସମ୍ମାନ ଅର୍ଜନ କରିଥିବା ସରୋଜିନୀ ସାହୁ ନିଜ ଜୀବନସାଥୀଙ୍କ ରେଳ ଦୁର୍ଘଟଣାରେ ମୃତ୍ୟୁ ପରେ ଦୁଇ ବର୍ଷ ଅବସାଦର ଅନ୍ଧାରି ବଳୟକୁ ଚାଲି ଯାଇଥିଲେ । ସବୁ ସମୟ ପାଇଁ ତାଙ୍କ ହାତ ଧରି ରାସ୍ତା ଦେଖାଉଥିବା ମଣିଷର ଅବର୍ତ୍ତମାନରେ ସରୋଜିନୀଙ୍କୁ ଅସହ୍ୟ ଦୁଃଖର ଚାପରେ ବାନ୍ଧି ପକେଇଥିଲା। ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ **ଜଗଦୀଶ ମହାନ୍ତି** ଥିଲେ ଓଡ଼ିଆ କଥା ସାହିତ୍ୟର ଜଣେ ଧାରା ପ୍ରବର୍ତ୍ତକ କଥାକାର। ଶୈଳୀଗତ ପରୀକ୍ଷା ନିରୀକ୍ଷା ଭିତରେ ତାଙ୍କ ଗଳ୍ପ ଓ ଉପନ୍ୟାସର ଚରିତ୍ରମାନେ ପ୍ରତିଫଳିତ କରାଉଥିଲେ ନୂଆ ଜୀବନର ରୂପରେଖ। 'କନିଷ୍କ କନିଷ୍କ' ହେଉ ଅବା 'ନିଜ ନିଜ ପାନିପଥ' ଉପନ୍ୟାସ ସବୁଥିରେ ସେ ଦେଖାଉଥିଲେ ଆଧୁନିକ ଜୀବନର ଦ୍ୱନ୍ଦ୍ୱ, ସଂଘାତ ଓ ଜଟିଳତା। ରେଳ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଖୁବ୍ କଷ୍ଟକର ଥିଲା ସରୋଜିନୀଙ୍କ ପାଇଁ ନିଜକୁ ସମ୍ଭାଳିବା। ସାହିତ୍ୟ ଏକାଠି କରିଥିଲା ଉଭୟଙ୍କୁ । ଗଢିଥିଲା ଉଭୟଙ୍କୁ । ସରୋଜିନୀ କୁହନ୍ତି,'ଜଗଦୀଶଙ୍କ ଲିଖନ ଶୈଳୀରେ ପ୍ରଭାବିତ ହୋଇଛି, ପରିମାର୍ଜିତ, ସମୃଦ୍ଧ ହୋଇଛି ମୋ ଲେଖା। ମୁଁ ପାଇଥିବା ପୁରସ୍କାରର ଶ୍ରେୟ ତାଙ୍କର ।' କହିବାକୁଗଲେ ''ସରୋଜିନୀ ଆଜି ଯଦି ସରୋଜିନୀ ଭାବରେ ଜ୍ଞାତ ତ ସେଥିପାଇଁ ଜଗଦୀଶଙ୍କ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି।'' ସରୋଜିନୀଙ୍କ ମତରେ ଜଗଦୀଶ ତାଙ୍କ ପାଇଁ ଯାହା କରିଛନ୍ତି ସେହି ତୁଳନାରେ ତାଙ୍କର କିଛି ଅବଦାନ ନାହିଁ । ଯାହା ବି ହୋଇଛି ବା ହେଉଛି ତାଙ୍କ ପାଇଁ, ସେଥିରେ ସରୋଜିନୀଙ୍କର କିଛି ଭୂମିକା ନାହିଁ। ଅଧିକନ୍ତୁ ତାଙ୍କୁ ଭଲ ପାଉଥିବା ମଣିଷଙ୍କର ବିଶେଷ ଭୂମିକା ରହୁଛି । ବଙ୍ଗଳା ଭାଷାରେ ତାଙ୍କ ବହି ହେବା, ମୈଥିଳି ଭାଷାରେ ବହି ଅନୁଦିତ ହେବା କି ଇଂଲିଶରେ ତାଙ୍କ ବହି ପରବର୍ତ୍ତୀ ସମୟରେ ପେଙ୍ଗୁଇନ୍ ସଂସ୍ଥା ଦ୍ୱାରା ବାହାରିବା, ତାଙ୍କ ବିଷୟରେ ବହି ହେବା ସବୁଥିପାଇଁ ଲୋକଙ୍କ ଭଲପାଇବା କାମ କରୁଛି । ଜଗଦୀଶ ଟ୍ରଷ୍ଟ ସଂରଚନା କରି ଦୁଇ ଜଣ ଯୋଗ୍ୟ ବିବେଚିତ କଥାକାରଙ୍କୁ ସାହିତ୍ୟିକ କାର୍ଯ୍ୟକ୍ରମ କରି ପୁରସ୍କାର ଦେବା, ଜଗଦୀଶଙ୍କ ଉପରେ କିଛି କାମ ହେବା ଭଳି ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଯୁବ କବି, ପ୍ରକାଶକ ସରୋଜ ବଳଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ସରୋଜିନୀ କୁହନ୍ତି । କରୁଣାକର ମହାପାତ୍ର ହୁଅନ୍ତୁ କି ହିମାଂଶୁ ମହାପାତ୍ର ଅଥବା ସତ୍ୟ ପଟ୍ଟନାୟକ ନିଜେ ନିଜେ ଆଗ୍ରହ କରି ଜଗଦୀଶଙ୍କ ବହି କରିଛନ୍ତି। ମୋତେ ଲାଗେ ଏଇ ଯେମିତି ଜଗଦୀଶ ଘରେ ଅଛନ୍ତି, ବାହାରକୁ ଯାଇଛନ୍ତି, ଅଳ୍ପ ସମୟ ପରେ ଫେରିଆସିବେ ବୋଲି ଆବେଗର ସହ ସରୋଜିନୀ କୁହନ୍ତି। ଜଗଦୀଶ ମହାନ୍ତି 'ସମାନ୍ତର' ନାମରେ ଭଲ ସାହିତ୍ୟ ପତ୍ରିକାଟିଏ କରିବାକୁ ଚାହୁଁଥିଲେ ବୋଲି ତାଙ୍କ ମୃତ୍ୟୁ ପରେ ଜାଣିବାକୁ ପାଇଥିଲେ ସରୋଜିନୀ । ସେଥିପାଇଁ କିଛି ଯୋଜନା ଓ ପ୍ରସ୍ତୁତି ବି ସାରିଥିଲେ । କିନ୍ତୁ ମୁଁ ତାଙ୍କ ଭଳି ମୁଁ ଦୌଡ଼ାଦୌଡ଼ି କରି ପତ୍ରିକା ଭଳି କୌଣସି ସାଂଗଠନିକ କାର୍ଯ୍ୟ କରିପାରିବିନି ବୋଲି ତାଙ୍କର ସେହି ସ୍ୱପ୍ନକୁ କାର୍ଯ୍ୟକ୍ଷମ କରିହେଲାନି''।

### ଶ୍ରାଦ୍ଧ ନୁହେଁ ଶ୍ରଦ୍ଧାରେ ସମସ୍ତଙ୍କ ସହ ଜୟନ୍ତୀ ପାଳେ: ମଞ୍ଜୁଳା ମିଶ୍ର

ଅଧା ପଢ଼ା ହୋଇ ମେଲେଇ ହୋଇଥିବା ବହି, ଲେଖିବାକୁ ବାହାର କରିଥିବା କଲମ, ବ୍ୟବହୃତ ଜୋତା କି ଚପଲ, ପିନ୍ଧୁଥିବା ଶାର୍ଟ ଯେମିତି ଯେଉଁଠି ଥିଲା ସ୍ୱାମୀଙ୍କର ତାକୁ ସେମିତି ସେହି ସ୍ଥାନରେ ସଜେଇ ରଖିଛନ୍ତି ଧର୍ମପତ୍ନୀ ମଞ୍ଜୁଳା । ସେ ବାହାରକୁ ଯାଇଛନ୍ତି ଆସିଲେ ବାକି ଥିବା କାମକୁ ସମ୍ପୂର୍ଣ୍ଣ କରିବେ ଏହି ବିଶ୍ୱାସ ଅଛି ମଞ୍ଜୁଳାଙ୍କର । ତେଣୁ ଇଏ ତ ଯତ୍ନରେ ସାଇତି ରଖିଛନ୍ତି ଯଥାରୀତି ତାଙ୍କର ସବୁ ଜିନିଷ । ପ୍ରତ୍ୟହ ଝାଡ଼ି ଦେଉଛନ୍ତି ଧୂଳି, ପୋଛି ରଖୁଛନ୍ତି ତାଙ୍କର ସକଳ ସ୍ମୃତିକୁ, ସଜଳ ବର୍ତ୍ତମାନ କରି । ବଲାଙ୍ଗୀର ନିବାସୀ **ମଞ୍ଜୁଳା ମିଶ୍ର** ଉତ୍ତର ଅଶୀ ଓଡ଼ିଆ ଗଳ୍ପର ଇତିହାସରେ ଜଣେ ପ୍ରତିଶ୍ରୁତିବଦ୍ଧ କଥାକାର ହିସାବରେ ପ୍ରସିଦ୍ଧି ଓ ସମ୍ମାନ ଅର୍ଜନ କରିଥିବା **ମନୋଜ କୁମାର ପଣ୍ଡା**ଙ୍କ ଧର୍ମପତ୍ନୀ । ସବୁ ପ୍ରକାର କୁସଂସ୍କାର ଓ ରକ୍ଷଣଶୀଳତା ଊର୍ଦ୍ଧ୍ୱରେ ଥିଲା ତାଙ୍କ ଜୀବନ ବିଚାର। ଶାରଳା ପୁରସ୍କାର ପ୍ରାପ୍ତ ଗାଳ୍ପିକ ମନୋଜ କୁମାର ପଣ୍ଡାଙ୍କ ଇଂଲିଶ ଅନୁଦିତ ପୁସ୍ତକ ସମଗ୍ର ଏସିଆ ମହାଦେଶରୁ ଅନ୍ୟତମ ଦଶ ଜଣ ଗାଳ୍ପିକଙ୍କ ମଧ୍ୟରେ ସ୍ଥାନିତ ହୋଇ ଓଡ଼ିଆ ଗଳ୍ପ ସାହିତ୍ୟ ପାଇଁ ଭିନ୍ନ ଏକ ପରିଚୟ ଓ ଗୌରବ ଆଣିଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶୈଳୀଗତ ବିବିଧତାରେ ଅନ୍ୟତମ ଟ୍ରେଣ୍ଡ୍ ସେଟର ଭାବରେ ପ୍ରସିଦ୍ଧି ଅର୍ଜନ କରିଥିବା ଏହି ପ୍ରତିଭାବାନ୍‌ଙ୍କ ଅକାଳ ମୃତ୍ୟୁ ଘଟେ ହୃଦ୍‌ଘାତରେ । ନିଥର ପାଲଟି ଯାଏ ତାଙ୍କ ଘର, ସର୍ଜନମୁଖର ବଲାଙ୍ଗୀର। ଆଉ ତାଙ୍କ ପତ୍ନୀଙ୍କୁ ସମ୍ଭାଳିବା ଖୁବ୍ କଷ୍ଟ ହୋଇପଡ଼ିଥିଲା ସେହି ସମୟରେ । ଆଜି ସେହି କଥାକୁ ମନେପକେଇ ଲେଖକଙ୍କ ପତ୍ନୀ ମଞ୍ଜୁଳା କୁହନ୍ତି, ''ତାଙ୍କ ଅବର୍ତ୍ତମାନ ବହୁତ ଯନ୍ତ୍ରଣାଦାୟକ। ତାକୁ କଥାରେ ବର୍ଣ୍ଣନା କରି ହେବନି। ଶ୍ରାଦ୍ଧ କି ଶ୍ରଦ୍ଧାଞ୍ଜଳିର କଥା ଉଠିଲେ ମୋର ଦେହ କେମିତି ଥରିଉଠେ। ମୁଁ ତାଙ୍କର ବିୟୋଗକୁ ମାନି ନେଇ ପାରୁ ନ ଥିଲି ତେଣୁ ଶ୍ରାଦ୍ଧ କିମ୍ବା ଶ୍ରଦ୍ଧାଞ୍ଜଳି ଦେଇ ପାରିବିନି ବୋଲି କହିଲି । ସେହି ଦୁଃସମୟରେ ମୋର ପ୍ରିୟ ସାହିତ୍ୟିକଗଣ ସାନ୍ତ୍ୱନା ଓ ଆଶ୍ୱାସନା ଦେଇଛନ୍ତି। 'ଶ୍ରାଦ୍ଧ ଭୁଲି ଯାଅ, ତାଙ୍କ ଜୟନ୍ତୀ ପାଳିବା' ବୋଲି ପ୍ରସ୍ତାବ ଦେଇଥିବା ସେହି ସାହିତ୍ୟିକ ବନ୍ଧୁଙ୍କ ନିକଟରେ ମୁଁ କୃତଜ୍ଞ। ସେଇ ଦିନଠୁ ଚାରି ଅକ୍ଟୋବରରେ ତାଙ୍କର ଜୟନ୍ତୀ ପାଳନ ହୁଏ। ସେହି ପାଳନରେ, ସମସ୍ତଙ୍କର ବକ୍ତବ୍ୟରେ ଲାଗେ ସେ କୁଆଡେ ଯାଇ ନାହାନ୍ତି। ଏଇ ଆମ ସମସ୍ତଙ୍କ ଭିତରେ ଅଛନ୍ତି। ମୁଁ ଦେଖି ପାରୁନି ସିନା, ସେ ନିଶ୍ଚୟ ଅଛନ୍ତି ଭାବି ମନକୁ ବୁଝାଏ।''

ଓଡ଼ିଆ ଭାଷା ସାହିତ୍ୟରେ ମଞ୍ଜୁଳା ସ୍ନାତକୋତ୍ତର ଡିଗ୍ରୀ ନେଇ ଓଡ଼ିଆ ବିଷୟରେ ଶିକ୍ଷକତା କରୁଥିଲେ ସତ କିନ୍ତୁ ସାହିତ୍ୟ ସହ ନିବିଡ଼ ହୋଇଥିଲେ ମନୋଜଙ୍କ ସହ ଦାମ୍ପତ୍ୟ ଆରମ୍ଭ ପରଠାରୁ । ସ୍ୱାମୀଙ୍କ ସହ ସବୁ ସାହିତ୍ୟ ସଭା, ସାଂଗଠନିକ କାର୍ଯ୍ୟକ୍ରମକୁ ଯିବା, ବିଶିଷ୍ଟ କବି, ଲେଖକଙ୍କୁ ଦେଖାକରିବାର ସୁଯୋଗ ପାଇଛନ୍ତି ମଞ୍ଜୁଳା । ସୁତରାଂ ସାହିତ୍ୟକୁ ନେଇ ମନୋଜଙ୍କର ଯେଉଁ ସ୍ୱପ୍ନ ଥିଲା ତାକୁ ସାକାର କରିବା ପାଇଁ ଅଣ୍ଟାଭିଡ଼ିଲେ ମଞ୍ଜୁଳା। ସେ କୁହନ୍ତି, ''ତାଙ୍କ ବର୍ତ୍ତମାନକୁ ଜୀବନ୍ତ କରିବା ପାଇଁ ନୂଆ କିଛି ସ୍ୱପ୍ନ ସଂଯୋଗ ନ କଲେ ବି ତାଙ୍କର ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ଚେଷ୍ଟା କରିଛି ତାଙ୍କର ଏକ ପ୍ରବନ୍ଧ ପୁସ୍ତକର ପ୍ରକାଶନରେ ସହାୟତା କରି । ମୁଁ ଚାହେଁ ତାଙ୍କର ଅସମାପ୍ତ ଉପନ୍ୟାସ ପ୍ରକାଶ ଲାଭ କରୁ । ଏଥିପାଇଁ ମୋର ଉଦ୍ୟମ ଜାରି ରହିଛି ।'' ତାଙ୍କର ଏହି ଅଭିଯାନରେ ତାଙ୍କର ସାହିତ୍ୟିକ ବନ୍ଧୁଗଣଙ୍କର ଓ ବିଶେଷକରି ବଲାଙ୍ଗୀରର 'ରଚନା' ଅନୁଷ୍ଠାନର ଅକୁଣ୍ଠ ସହଯୋଗ ରହିଛି, ରହିଛି ବି ପରିବାରର ।

### ଓଡ଼ିଶା ସଂସ୍କୃତିକୁ ଭଲପାଇ ତା'ର ପରମ୍ପରାକୁ ନିର୍ବାହ କରି ମୁଁ ଗୌରୀବାବୁଙ୍କୁ ପାଖରେ ପାଇପାରୁଛି: ଚିନ୍ମୟୀ ଦାସ

ଓଡ଼ିଆ ପୁଅ **ଡ. ଗୌରୀ ଚରଣ ଦାସ**। ପ୍ରତିଭା ଓ ଅଧ୍ୟବସାୟକୁ ସାମର୍ଥ୍ୟ କରି ଆମେରିକା ଯାତ୍ରା କରନ୍ତି। ସେଠାରେ ବୃତ୍ତି ଓ ଉଚ୍ଚତର ଗବେଷଣା । ଆମେରିକାରେ ବସବାସ କରୁଥିବା ଓଡ଼ିଆ ମାନଙ୍କୁ ଏକତ୍ରିତ କରି →




ଅଜୟ ମହାନ୍ତି–ସସ୍ମିତା ମହାନ୍ତି

ଜଗଦୀଶ ମହାନ୍ତି–ସରୋଜିନୀ ସାହୁ



ବଳରାମ ପୁଜାରୀ–ପୁଷ୍ପାଞ୍ଜଳି ରଣା





ଗୌରୀ ଚରଣ ଦାସ–ଚିନ୍ମୟୀ ଦାସ

ସେଠାରେ ଏକ ଓଡ଼ିଆ ସମାଜ ପ୍ରତିଷ୍ଠା କରନ୍ତି। ଗୌରୀ ଚରଣ ଦାସଙ୍କ କଠୋର ପରିଶ୍ରମ, ନିଷ୍ଠା ଓ ତ୍ୟାଗର ଦସ୍ତାବିଜକୁ ନେଇ ସଂକଳିତ ହୋଇଛି ପୁସ୍ତକ 'ଆମେରିକାରେ ଓଡ଼ିଆ ସମାଜ', ଯାହାର ସଂକଳକ ହେଉଛନ୍ତି ତାଙ୍କର ଧର୍ମପତ୍ନୀ **ଚିନ୍ମୟୀ ଦାସ** । ହାତଲେଖା ଚିଠି, ଦାମିକା ଟ୍ରଙ୍କକଲ, ଟାଇପ୍ ରାଇଟର ଯୁଗରେ ସହରରୁ ସହର ଖୋଜି ଓଡ଼ିଆମାନଙ୍କୁ ଏକାଠି କରିବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଆମେରିକା ମାଟିରେ ସସମ୍ମାନେ ଠିଆ କରେଇବା ପାଇଁ ଗୌରୀ ଚରଣ ଦାସଙ୍କ ନିରବଚ୍ଛିନ୍ନ ପ୍ରୟାସର ଡକ୍ୟୁମେଣ୍ଟ ସବୁ ରହିଛି ଉକ୍ତ ପୁସ୍ତକରେ।

ଜ୍ଞାନ ଓ ପ୍ରତିଭାର ଆଧାରରେ ଆମେରିକା ଯାତ୍ରା କରି ଓଡ଼ିଆ ଭାଇଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାକୁ କାମ କରୁଥିବା ଜୀବନସାଥୀଙ୍କୁ ସହଯୋଗ ଓ ସମର୍ଥନ କରିଆସୁଥିବା ଚିନ୍ମୟୀ ଦାସ ଗୋରୀ ଚରଣ ଦାସଙ୍କ ମହାପ୍ରୟାଣ ପରେ ଉଭୟ ମାନସିକ ଓ ଶାରୀରିକ ଭାରେ ଖୁବ୍ ଭାଙ୍ଗିପଡିଥିଲେ । ୧୯୬୯ ମସିହାରୁ ଓସାର ବିସ୍ତାର ପାଇଁ ଡ. ଦାସଙ୍କ ଯୋଜନା, ପରିକଳ୍ପନା ଏବଂ ସେହି ଅନୁଯାୟୀ ଅବଦାନକୁ ଲୋକ ସମ୍ମୁଖକୁ ଆଣିବାକୁ ନିଷ୍ପତ୍ତି ନେଲେ ଚିନ୍ମୟୀ ଦାସ। ଆମେରିକାରେ ରହୁଥିବା କେଇଜଣ ଶୁଭାକାଂକ୍ଷୀଙ୍କ ଅନୁରୋଧରେ। ଓଡ଼ିଶା ବାହାରର ଝିଅ ହୋଇବି ଓଡ଼ିଆ ଶିଖିବା ଓ ଲେଖିବା ସହ ଗୋଟାଏ ଅନାଲୋଚିତ ଇତିହାସକୁ ଆମ ସମ୍ମୁଖକୁ ଆଣିବାକୁ ଚେଷ୍ଟା କରି ସଫଳ ହୋଇଛନ୍ତି ।

ବିବାହ ପରେ ଚିନ୍ମୟୀ ଆମେରିକାରେ ଓଡ଼ିଆମାନଙ୍କ ପାଇଁ 'ଓସା' କାର୍ଯ୍ୟରେ ସ୍ୱାମୀଙ୍କୁ ସହଯୋଗ କରୁଥିଲେ। ଗୌରୀ ଚରଣ ଦାସଙ୍କ ତ୍ୟାଗପୂତ କାମ ଉଦାହରଣ ହୋଇ ରହୁ ବୋଲି ସେହି ସମୟର ଅନେକ ମଣିଷ ଚିନ୍ମୟୀ ଦାସଙ୍କୁ ପ୍ରସ୍ତାବ ଦିଅନ୍ତି । ଶେଷରେ ଜୀବନସାଥୀଙ୍କ କାମକୁ ନ୍ୟାୟ ଦେବାକୁ କଲମ ଧରନ୍ତି ଚିନ୍ମୟୀ। 'ଓସା' ଉପରେ ହୋଇଥିବା ବହିଟି କିଭଳି ଇଂଲିଶରେ ଅନୁବାଦ ହୋଇ ଆମେରିକାରେ ବସବାସ କରୁଥିବା ପ୍ରତି ଓଡ଼ିଆଙ୍କ ଘରେ ପହଞ୍ଚିପାରିବ ଏବଂ ଗୌରୀ ଚରଣ ଦାସଙ୍କ 'ଓସା' ପାଇଁ ଅସୀମ ତ୍ୟାଗ ଓ ସଂଘର୍ଷର କାର୍ଯ୍ୟକୁ ବଖାଣି ପାରିବ ସେଥିପାଇଁ ଚେଷ୍ଟିତ ଅଛନ୍ତି ଚିନ୍ମୟୀ। ସେ କୁହନ୍ତି, 'ଜଣେ ମୁରବୀର ହୃଦୟ ନେଇ ମୋ ସ୍ୱାମୀ ଓସାକୁ ନିଜ ବାଟରେ ଅଗ୍ରଗତି କରିବାକୁ ଛାଡ଼ିଦେଲେ । କୌଣସି ପରିପ୍ରେକ୍ଷୀରେ ଓସା ପଛକୁ ନ ଫେରି ଆଗକୁ ଆଗକୁ ବଢି ଚାଲିବ ବୋଲି ସେ ଭାବୁଥିଲେ ଏବଂ ତାଙ୍କର ସେହି ସ୍ୱପ୍ନ ସାକାର ହୋଇଛି ।'

### ତାଙ୍କ ଅବର୍ତ୍ତମାନକୁ ସ୍ୱୀକାରି ହୁଏ ନାହିଁ: ସସ୍ମିତା ମହାନ୍ତି

''ତାଙ୍କ ପ୍ରେମ, ବନ୍ଧୁତା, ପ୍ରେରଣା କେବେ ଭୁଲି ହେବ ନାହିଁ । ମୁଁ ଥିଲା ଯାଏ ସେ ମୋ ସହ ଅଛନ୍ତି। ଲେଖାରେ, ବୃକ୍ଷରୋପଣରେ, ସମାଜସେବାରେ ନିଜକୁ ନିମଜ୍ଜିତ କରି ରଖିଥିବା ଅଜୟ କୁମାର ମହାନ୍ତିଙ୍କୁ ପାଇବାକୁ ଚେଷ୍ଟା କରୁଛି ତାଙ୍କ ପଦାଙ୍କ ଅନୁସରଣ କରି ବୋଲି କୁହନ୍ତି ଅଜୟଙ୍କ ପତ୍ନୀ **ସସ୍ମିତା ମହାନ୍ତି**।'' ନିଜ ଶୋଇବା ଘରେ ସ୍ୱାମୀଙ୍କ ଏକ ଲାଇଭ୍ ସାଇଜ ପ୍ରତିକୃତି ରଖି ସସ୍ମିତା ଦୁଃଖ ସୁଖ ବାଣ୍ଟନ୍ତି। ଅଜୟଙ୍କୁ ଚା' ଭଲ ଲାଗେ ତେଣୁ ଚା' ଧରି ସେଠାରେ ଆସନ୍ତାକାଲି ପାଇଁ ଯୋଜନାର ରୂପରେଖ ପ୍ରସ୍ତୁତ କରନ୍ତି । ଅଜୟ ବ୍ୟସ୍ତ ହୁଅନ୍ତି ସସ୍ମିତାଙ୍କୁ ପ୍ରତିକୂଳ ପରିସ୍ଥିତିରେ କାନ୍ଦ କାନ୍ଦ କି ନରମ ଦେଖିଲେ। ତେଣୁ ସସ୍ମିତା ନିଜକୁ ସମସ୍ତ ପରିସ୍ଥିତିରେ ସକ୍ରିୟ ଓ ଦୃଢ଼ ରଖିବାରେ ଚେଷ୍ଟିତ ହେଉଥାନ୍ତି ।

ଛାତ୍ର ଜୀବନରୁ ଅତ୍ୟନ୍ତ ମେଧାବୀ ଥିବା ଅଜୟ ଥିଲେ ଜଣେ ସମାଜସେବୀ । ଉଭୟ ଇଂଲିଶ ଓ ଓଡ଼ିଆରେ କବିତା, ପ୍ରବନ୍ଧ ଲେଖୁଥିବା ଅଜୟ କୁମାର ମହାନ୍ତି ରୋଗରେ ଶଯ୍ୟାଶାୟୀ ହେବା ପର୍ଯ୍ୟନ୍ତ ସେବାକାର୍ଯ୍ୟରେ ଲିପ୍ତ ଥିଲେ । ନିଜ ଜୀବନସାଥୀଙ୍କୁ ବର୍ତ୍ତମାନରେ ସାଇତି ସମ୍ପାଦି, ତାଙ୍କ ଇଚ୍ଛାକୁ ଯଥାର୍ଥ ସମ୍ମାନ ଦେଇ କବି, କଥାକାର ସସ୍ମିତା ମହାନ୍ତି ସାହିତ୍ୟ ଓ ସମାଜ ପାଇଁ ଏବେ କାମ କରୁଛନ୍ତି । ସସ୍ମିତା କୁହନ୍ତି, ''ମୋ ଦୁଃସମୟରେ ସାହିତ୍ୟକୁ ନେଇ ଗଢ଼ିଉଠିଥିବା ମୋ ପରିବାର ମୋ ପାଖରେ ଦମ୍ଭ ହୋଇ ଛିଡା ହୋଇଥିଲା। ମୋ ମନର କଥା ଓ ବ୍ୟଥାକୁ ମୁଁ କଲମରେ ଉତାରି ଦେଇ ଶାନ୍ତି ପାଉଥିଲି। ମୁଁ ଲେଖିବା ବେଳେ ସେ ମୋ ପାଖରେ ଅଛନ୍ତି ବୋଲି ଅନୁଭବ ହୁଏ ।'' ପ୍ରକାଶନୀ ସଂସ୍ଥାଟେ କରି ଦୁସ୍ଥ, ପ୍ରତିଭାବାନ୍ କବି ଲେଖକଙ୍କ ଲେଖାକୁ ପ୍ରଚାର ଓ ପ୍ରସାର କରିବାର ସ୍ୱପ୍ନ ଦେଖିଥିଲେ ଅଜୟ, ଯାହାକୁ ସାକାର କରିବା ପାଇଁ ନିଜ ହିସାବରେ ମୁଁ ଚେଷ୍ଟା କରୁଛି। ଅଜୟଙ୍କ ଓଡ଼ିଆ କବିତା ସଂକଳନ ପ୍ରକାଶିତ ହୋଇସାରିଛି। ଇଂଲିଶ କବିତା ସଂକଳନ ପାଇଁ ପ୍ରସ୍ତୁତି ଚାଲିଛି। ବୃକ୍ଷରୋପଣ କାର୍ଯ୍ୟ ବି ହେଉଛି । ଠାକୁରଙ୍କ ଆଶୀର୍ବାଦ, ପରିବାର, ବନ୍ଧୁ ପରିଜନ ଓ ସାହିତ୍ୟ ପରିସରକୁ ନେଇ ସଲଖି ଠିଆହେବାର ଚେଷ୍ଟାରେ ଥିବା ସସ୍ମିତା ଅଜୟଙ୍କ ସ୍ୱପ୍ନମାନଙ୍କୁ ନିଜ ଆଖିରେ ସସମ୍ମାନେ ସାଇତି ରଖିଛନ୍ତି ।

### ତାଙ୍କୁ ତାଙ୍କ ଲେଖାରେ, ବହିପତ୍ରରେ ଦେଖୁଛି : ପୁଷ୍ପାଞ୍ଜଳି ରଣା

ବଣ ପର୍ବତଘେରା ଅଞ୍ଚଳରେ ଅତ୍ୟନ୍ତ ଘରୋଇ ଜୀବନ ଜିଉଥିବା, ଘରକୁ ମନ୍ଦିର କରି ନିଷ୍ଠାର ସହ ସାଂସାରିକ ଦାୟିତ୍ୱ ନିର୍ବାହ କରୁଥିବା, ସ୍ୱାମୀଙ୍କ ସହ ତାଙ୍କ ରୁଚି ଓ ଆଗ୍ରହକୁ ଗଭୀର ଭାବରେ ଭଲପାଇଯାଇଥିବା ମଣିଷ ଜଣକ ହେଉଛନ୍ତି **ପୁଷ୍ପାଞ୍ଜଳି ରଣା** । ଇଏ ହେଲେ କୁଡୁମୁଲୁଗୁମ୍ମା, ମାଲକାନଗିରିର କବି ବଳରାମ ପୂଜାରୀଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳି। ସାହିତ୍ୟ ସଉକ ନୁହେଁ ଗୋଟେ ପୂଜା, ସାଧନା ବୋଲି ବୁଝିଥିଲେ ବଳରାମ ଯାହାକୁ ତାଙ୍କ ଅବର୍ତ୍ତମାନରେ ପାଳନ କରୁଛନ୍ତି ପୁଷ୍ପାଞ୍ଜଳି । ବିବାହ ଦିନଠାରୁ କବିଙ୍କ କବିତାଗୁଡ଼ିକୁ ନେଇ ପୁସ୍ତକ ସଂକଳନ କରିବା, ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାକୁ ଲେଖା ପଠେଇବା ପାଇଁ ଉତ୍ସାହିତ କରିବା, କବିଙ୍କ ନିର୍ମିତ ଈଶ୍ୱରଭାଡି ( ଯେଉଁ ଘରେ କବି ତାଙ୍କ ଲେଖା ଓ ବହିପତ୍ରରେ ସମୟ କାଟନ୍ତି ) ଯତ୍ନ ନେବା ଭଳି କାମ ଖୁସି ଖୁସି କରିଯାଉଥିଲେ ପୁଷ୍ପାଞ୍ଜଳି। ଘରୋଇ ଦାୟିତ୍ୱ ଭିତରେ ସେ ବୁଝିଥିଲେ ବଳରାମଙ୍କ ସାହିତ୍ୟ ପ୍ରତି ଥିବା ଅସୀମ ଦୁର୍ବଳତା। ତେଣୁ ବଳରାମଙ୍କୁ ଅଧିକ ସାହିତ୍ୟମନସ୍କ କରିବାକୁ ସୁଯୋଗ ତିଆରି କରୁଥିଲେ ସେ। ଅସୁସ୍ଥ ବଳରାମଙ୍କ ଯତ୍ନ ସକାଶେ ଶେଷ ତିନି ବର୍ଷ ସେ ତାଙ୍କ ସହ ସବୁ ସ୍ଥାନକୁ ଯାଉଥିଲେ । ପୁଷ୍ପାଞ୍ଜଳିଙ୍କ ଆପ୍ରାଣ ଚେଷ୍ଟା ଅଟକେଇ ପାରିଲା ନାହିଁ ବଳରାମଙ୍କୁ । ସବୁ ସାଧାରଣ ଗୃହିଣୀ ଭଳି ଭାଙ୍ଗିଯାଇଥିଲେ ସେ ସତ କିନ୍ତୁ ବଳରାମଙ୍କ ସାହିତ୍ୟକୁ ନେଇ ଥିବା ସ୍ୱପ୍ନ ଓ ଅଭିଳାଷ ପାଇଁ ନିଜେ ପୁଣି ଦମ୍ଭ ଧରି ଠିଆ ହେଲେ। ସେ କୁହନ୍ତି,''ଏବେ ବିଭିନ୍ନ ପାଠାଗାରକୁ ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ପଠେଇବା ପାଇଁ ଆମେ ମା' ପୁଅ ଉଦ୍ୟମ କରୁଛୁ। ତତ୍‌ସହିତ ତାଙ୍କର ଜନ୍ମଦିନରେ କବିତା ଆସର ଭଳି ସାହିତ୍ୟ କାର୍ଯ୍ୟକ୍ରମ ଆୟୋଜନ କରିବା ଏବଂ ତାଙ୍କର ତିରୋଧାନ ଦିବସରେ ଗରିବ ଲୋକଙ୍କୁ ଖାଦ୍ୟ ଓ ବସ୍ତ୍ର ଦାନ କରିବା ସହ ଉପାନ୍ତ ଅଞ୍ଚଳରେ ଛୋଟ ଛୋଟ ପିଲାମାନଙ୍କୁ ଶିକ୍ଷଣ ସାମଗ୍ରୀ ଯୋଗେଇବା ପାଇଁ ଚିନ୍ତା କରିଛୁ ।'' ପିଲାବେଳୁ ଆର୍ଥିକ ଅନଟନ ଥିବା ସତ୍ତ୍ୱେ କବି ବଳରାମ ପୂଜାରୀଙ୍କ ଦୃଷ୍ଟି ଥିଲା ସର୍ବଦା ସକାରାତ୍ମକ। ''କୁଡୁମୁଲୁଗୁମ୍ମା''ର ସାହିତ୍ୟ କହିଲେ ବଳରାମ ପୂଜାରୀଙ୍କୁ ଲୋକେ ବୁଝୁଥିଲେ। ଲୋକମାନେ ତାଙ୍କୁ ବହୁତ ଆଦର କରୁଥିଲେ । ମାଲକାନଗିରିର ଆଦିବାସୀ ଲୋକଙ୍କ ପାଇଁ ସେ ଏକ ଗବେଷଣାଗାର ପ୍ରସ୍ତୁତ କରିବାକୁ ସ୍ୱପ୍ନ ଦେଖିଥିଲେ ଏବଂ ଅବିଭକ୍ତ କୋରାପୁଟ ଜିଲାର ଯେତେ ସବୁ ସଂଗ୍ରାମୀ ଥିଲେ ବା ଅଛନ୍ତି ସେମାନଙ୍କୁ ନେଇ ଏକ ଗବେଷଣାଭିତ୍ତିକ ଉପନ୍ୟାସ ଲେଖିବାକୁ ମନସ୍ଥ କରିଥିଲେ। ସେ ମଧ୍ୟ ଏକ ଗଳ୍ପ ସଂକଳନ ନିମନ୍ତେ ଆଗଭର ଥିଲେ ଏବଂ ଆମ ମାଲକାନଗିରି ଜିଲାର ଇତିହାସ, ଲୋକ କଳା, ସାହିତ୍ୟ, ସଂସ୍କୃତି କିପରି ବିଖ୍ୟାତ ହେବ ସେ ଦିଗରେ ଚେଷ୍ଟିତ ଥିଲେ। '' କବିଙ୍କ ସବୁ ସ୍ୱପ୍ନକୁ ପୂରଣ କରିବାର ଚେଷ୍ଟା ଭିତରେ ପୁଷ୍ପାଞ୍ଜଳି ବଳରାମ ପୂଜାରୀଙ୍କ ଉପସ୍ଥିତିକୁ ଅନୁଭବ କରୁଛନ୍ତି ବୋଲି କୁହନ୍ତି । ଏମିତି ବି ଗୋଟିଏ ଦିନ ନାହିଁ ଯେଉଁଦିନ ସେ ବଳରାମଙ୍କ ସାହିତ୍ୟ ପାଇଁ କାମ ନ କରିଛନ୍ତି। ତାଙ୍କର ଅପ୍ରକାଶିତ ଲେଖାକୁ ସଜାଇ ପତ୍ରପତ୍ରିକାକୁ ପଠେଇବା, ସାହିତ୍ୟ ସଂଗଠନ ସହ ଯୋଡି ହେବା ଭିତରେ ବଳରାମଙ୍କ ସତ୍ତାକୁ ଉପଲବ୍ଧି କରିପାରନ୍ତି ବୋଲି ସେ କୁହନ୍ତି । ହରାଇବା ଭିତରେ ପାଇବା ହିଁ ପ୍ରକୃତ ଲୋଡ଼ିବାପଣ। ପାଇ ନ ପାଇବା ଓ ନ ପାଇ ପାଇବା ଭିତରେ ଗଡି ଚାଲିଥାଏ ଜୀବନ।ଆଉ ସେହି ହଜି ଯାଇଥିବା ଜୀବନର ମାଟି ଉପରୁ ଅଙ୍କୁରୋଦ୍‌ଗମ୍ ହୋଇ ଚାଲିଥାଏ ଚିରନ୍ତନତାର ପ୍ରାଣ।

*– ମାନମୟୀ ରଥ,*
*ସେଣ୍ଟ ଜାଭିୟର୍ସ କିଣ୍ଡ୍ସ, ବାଲିପୁଟ, ପୁରୀ*
*ମୋ: ୭୯୭୮୫୭୯୩୯୯*



ମଞ୍ଜୁଳା ମିଶ୍ର– ମନୋଜ କୁମାର ପଣ୍ଡା

# ବୁଟ୍‌କଟ୍ ଜିନ୍ସ ଫ୍ୟାଶନ





**ବୁଟ୍‌କଟ୍ ଜିନ୍ସକୁ ଏବେ ଯୁବପିଢି ବେଶ୍ ପସନ୍ଦ କରୁଛନ୍ତି। ଏହି ଟାଇପ୍‌ର ଜିନ୍ସ ସାଧାରଣତଃ ଅଣ୍ଟାଠୁ ଆଣ୍ଠୁ ପର୍ଯ୍ୟନ୍ତ ଫିଟିଙ୍ଗ୍ ହୋଇକି ରହିଥାଏ ଏବଂ ଆଣ୍ଠୁରୁ ତଳ ଆଡକୁ ଢିଲା ରହିଥାଏ। ତେବେ ଏହି ଜିନ୍ସ ସହ କେଉଁ ଟାଇପ୍‌ର ଟପ୍ସ ପିନ୍ଧିଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗିବ ଜାଣନ୍ତୁ ସେ ସମ୍ପର୍କରେ...**

✲ **ଫୁଲ୍ ସ୍ଲିଭ୍ ଟପ୍ସ:** ଯୁବତୀ ଚାହିଁଲେ ନିଜ ମନପସନ୍ଦର ଯେ କୌଣସି ରଙ୍ଗର ଫୁଲ୍ ସ୍ଲିଭ୍ ଟପ୍ସକୁ ବୁଟ୍‌କଟ୍ ଜିନ୍ସ ସହ କ୍ୟାରି କରିପାରିବେ। ଏହା ତାଙ୍କୁ ଏକ ଡିଫରେଣ୍ଟ ଲୁକ୍ ଦେଇଥାଏ। ଏହି ଗେଟ୍‌ଅପ୍ ସାଙ୍ଗକୁ ଷ୍ଟଡ୍ ଇୟର ରିଂ ବେଶ୍ ଭଲ ମାନିଥାଏ।

✲ **କ୍ରପ୍ ହଲ୍ଟର ନେକ୍:** ଏହି ଟାଇପ୍‌ର ଟପ୍ସ ଯୁବତୀଙ୍କୁ ବୋଲ୍ଡ ଲୁକ୍ ଦେଇଥାଏ। ଖାସ୍‌କରି ବୁଟ୍‌କଟ୍ ଜିନ୍ସ ସହ ଉଭୟ ଡାର୍କ ହେଉକି ଲାଇଟ୍ କଲର୍‌ର କ୍ରପ୍ ହଲ୍ଟର ନେକ୍‌ବାଲା ଟପ୍ସ ବେଶ୍ ଭଲ ମ୍ୟାଚ୍ କରିଥାଏ। ତେବେ ଏହି ଲୁକ୍‌କୁ ଆଉ ଟିକେ ଆକର୍ଷଣୀୟ କରିବା ପାଇଁ ଯୁବତୀ ଚାହିଁଲେ ନିଜ କେଶକୁ ହାଇ ପିନ୍ ଦ୍ୱାରା ଉପରକୁ ଟେକି ବାନ୍ଧିପାରିବେ।

✲ **ଟ୍ୟାଙ୍କ ଟପ୍ସ:** ଏହି ଟପ୍ସକୁ ଯେ କୌଣସି ଜିନ୍ସ ସହ ଆରାମରେ କ୍ୟାରି କରିହେବ। ଯୁବତୀ ଯଦି ନିଜ ଲୁକ୍‌ରେ ଟିକେ କଣ୍ଟ୍ରାଷ୍ଟ ଆଡ୍ କରିବାକୁ ଚାହୁଁଥାନ୍ତି, ତା'ହେଲେ ସିମ୍ପଲ ଟ୍ୟାଙ୍କ ଟପ୍ସକୁ ବୁଟ୍‌କଟ୍ ଜିନ୍ସ ସହ ସାଇଡ୍ ନଟ୍ ଭାବେ ଷ୍ଟାଇଲ୍ କରି ମଧ୍ୟ ପିନ୍ଧିପାରିବେ।



✲ **ଅଫ୍ ସୋଲ୍ଡର ଟପ୍ସ:** କକ୍‌ଟେଲ୍ ପାର୍ଟିକୁ ଯିବାର ଥିଲେ, ବୁଟ୍‌କଟ୍ ଜିନ୍ସ ସହ ଅଫ୍ ସୋଲ୍ଡର ଟପ୍ସ ଟ୍ରାଏ କଲେ କ୍ଲାସି ଲୁକ୍ ମିଳିଥାଏ। ଚାହିଦାକୁ ନଜରରେ ରଖି ଏହା ବିଭିନ୍ନ ପାର୍ଟନରେ ମଧ୍ୟ ଉପଲବ୍ଧ ହୋଇଥାଏ। ଏହି ଲୁକ୍ସକୁ ଆଉ ଟିକେ ଆଟ୍ରାକ୍ଟିଭ୍ କରିବା ପାଇଁ ଯୁବତୀ ଚାହିଁଲେ କେଶକୁ କର୍ଲି କରିପାରିବେ। ମେକ୍‌ଅପ୍‌କୁ ହାଇଲାଇଟ୍ କରିବା ପାଇଁ ଓଠରେ ଚକୋଲେଟି ବ୍ରାଉନ୍ କଲର୍‌ର ଲିପ୍‌ଷ୍ଟିକ୍ ମଧ୍ୟ ଲଗାଇପାରିବେ।

✲ **ବଲୁନ୍ ସ୍ଲିଭ୍ ଟପ୍ସ:** ବୁଟ୍‌କଟ୍ ଜିନ୍ସ ପରି ଏବେ ବଲୁନ୍ ସ୍ଲିଭ୍ ଟପ୍ସର ମଧ୍ୟ ବେଶ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି। ଆଉ ଯଦି ବୁଟ୍‌କଟ୍ ଜିନ୍ସ ସହ ଏହି ଟପ୍ସକୁ ପେୟାର୍ କରି ପିନ୍ଧାଯାଏ, ତା'ହେଲେ ଏହା ବାଲାନ୍ସ ଲୁକ୍ ଦେଇଥାଏ। ଖାସ୍ କରି ପ୍ରିଣ୍ଟେଡ୍ ବଲୁନ୍ ସ୍ଲିଭ୍ ଟପ୍ସ ବୁଟ୍‌କଟ୍ ଜିନ୍ସ ସାଙ୍ଗକୁ ଅଧିକ ସୁନ୍ଦର ଦେଖାଯାଇଥାଏ। ଏହି ଲୁକ୍ ସାଙ୍ଗକୁ କେଶ ଖୋଲା ଛାଡ଼ିପାରିବେ ନଚେତ୍ ହାଇ ପୋନିଟେଲ୍ ବି କରିପାରିବେ।

✲ **ଟି-ଶାର୍ଟ:** ଏହା ଯୁବତୀଙ୍କୁ କୁଲ୍ ଲୁକ୍ ଦେଇଥାଏ। ବିଶେଷକରି ଡେ ଆଉଟିଂରେ ଗଲାବେଳେ ବୁଟ୍‌କଟ୍ ଜିନ୍ସ ସହ ଟି-ଶାର୍ଟକୁ ପେୟାର୍ କରି ପିନ୍ଧିଲେ ଲୁକ୍ ବେଶ୍ ସ୍ମାର୍ଟ ଲାଗିଥାଏ। ଏହି ଗେଟ୍‌ଅପ୍‌ରେ କେଶକୁ ଖୋଲା ଛାଡ଼ପାରିବେ ନଚେତ୍ ହାଇ ପୋନିଟେଲ୍ ବି କରିପାରିବେ।

✲ **ଫୁଲ୍-ସ୍ଲିଭ୍ ଶାର୍ଟ:** ବୁଟ୍‌କଟ୍ ଜିନ୍ସ ସହ ଫୁଲ୍ ସ୍ଲିଭ୍ ଶାର୍ଟ ପିନ୍ଧିଲେ କାଜୁଆଲ୍ ଲୁକ୍ ମିଳିଥାଏ। ଖାସ୍ କରି ଲାଇଟ୍ କଲର୍‌ର ପ୍ରିଣ୍ଟେଡ୍ ଫୁଲ୍ ଶାର୍ଟ ଏହି ଲୁକ୍ ପାଇଁ ପୂରା ପରଫେକ୍ଟ ହୋଇଥାଏ। ଏହି ଲୁକ୍‌କୁ ଆହୁରି ଭଲ କରିବା ପାଇଁ ହାଇହିଲ୍ ପିନ୍ଧିବା ସାଙ୍ଗକୁ ହାଇ ପୋନିଟେଲ୍ ମଧ୍ୟ କରିପାରିବେ।

✲ **ଶର୍ଟ କୁର୍ତ୍ତି:** ଏହା ଯୁବତୀଙ୍କୁ କୁଲ୍ ଲୁକ୍ ଦେଇଥାଏ। ବିଶେଷକରି ଡେ ଆଉଟିଂରେ ଗଲାବେଳେ ବୁଟ୍‌କଟ୍ ଜିନ୍ସ ସହ ଶର୍ଟ ଷ୍ଟାଇଲ୍ କୁର୍ତ୍ତିକୁ ପେୟାର୍ କରି ପିନ୍ଧିଲେ ଲୁକ୍ ବେଶ୍ ସ୍ମାର୍ଟ ଲାଗିଥାଏ। ଏହି ଗେଟ୍‌ଅପ୍‌ରେ କେଶକୁ ଖୋଲା ଛାଡ଼ିପାରିବେ ନଚେତ୍ ହାଇ ପୋନିଟେଲ୍ ବି କରିପାରିବେ।







# ମୋ ପାଇଁ କବିତା ଏକ ଆଧାତ୍ମିକ କାର୍ଯ୍ୟ


ମୋ ଗାଁର ତିନିପଟେ ନଈ । ଏଠି ସକାଳ ଯେମିତି ମନକୁ ଆନମନା କରେ, ଠିକ୍ ସେମିତି କେରାଣ୍ଡିଆ ନଈର ଚହଲାପାଣିରେ ସୂର୍ଯ୍ୟାସ୍ତ। ଏମିତି ପ୍ରାକୃତିକ ଶୋଭାକୁ ଦେଖି ତାହା ସାଇତିବା ପାଇଁ ମନବଳାଇଥିଲି, ଯାହା ପରବର୍ତ୍ତୀ ସମୟରେ କବିତାର ରୂପ ନେଇଥିଲା।

ପିଲାଦିନେ ସ୍କୁଲ ଯିବା ବାଟରେ ସେ ନିଇତି ଦେଖୁଥିଲେ ଗାଁକୁ ଘେରିଥିବା ଧାନବିଲର ସବୁଜିମା, ସୋରିଷ ବଣର ସୁନାଫୁଲିଆ କ୍ଷେତ ଓ ସ୍ୱଚ୍ଛ ନଈର ଜଳଧାରା। ଏମିତି ପ୍ରାକୃତିକ ପରିବେଶର ଶୋଭାକୁ ଉପଭୋଗ କରୁଥିବା ବେଳେ ଗ୍ରାମ୍ୟ ଜୀବନର ନିଛକ ଦୃଶ୍ୟ ତାଙ୍କ ଭିତରେ ସୃଷ୍ଟିକରେ ନୂତନ ସୃଜନ ସମ୍ଭାର। ଏହାକୁ ସେ ରୂପଦେଇଥାନ୍ତି କବିତାରେ । ଏମିତି ଶତାଧିକ କବିତା ରଚନା କରିଛନ୍ତି । ସେ ହେଲେ **କବି ଡ. ଦିଲୀପ କୁମାର ସ୍ୱାଇଁ**। ମାତା ନିର୍ମଳା ସ୍ୱାଇଁ, ପିତା ପ୍ରାଣକୃଷ୍ଣ ସ୍ୱାଇଁ । ଘର କେନ୍ଦ୍ରାପଡ଼ା ଜିଲାର କରିଲୋପାଟଣା ଅଧୀନ ଜଳପୋକ ଗାଁରେ। ସେ କୁହନ୍ତି , 'ମୋ ଗାଁର ତିନିପଟେ ନଈ । ଏଠି ସକାଳ ଯେମିତି ମନକୁ ଆନମନା କରେ, ଠିକ୍ ସେମିତି କେରାଣ୍ଡିଆ ନଈର ଚହଲାପାଣିରେ ସୂର୍ଯ୍ୟାସ୍ତ ବେଳେ ମନେହୁଏ ସ୍ନାନରେ ନବବଧୂର ମଥାରୁ ସିନ୍ଦୂରଟୋପା ଧୀରେ ଧୀରେ ଧୋଇହୋଇ ନଈର ସେଇ ସ୍ୱଚ୍ଛଜଳରେ ମିଶିଯାଇଥାଏ। ଗାଁର ଚାଷଜମିରେ ପ୍ରହରୀ ପରି ଠିଆ ହୋଇଥିବା ହୁରୁଡ଼ାକୁ ଦେଖିଲେ ତା' ସହ ମନକୁ ମନ କେତେ କଥା ହୁଏ। ତେବେ ମୋ ଗାଁଠାରୁ କିଛି ଦୂରେ ରହିଛି କରିଲୋପାଟଣାର ଜୟରାମ ଉଚ୍ଚବିଦ୍ୟାଳୟ। ଏଠାକୁ ପ୍ରତିଦିନ ନଈ କୂଳେ କୂଳେ ଯିବା ଆସିବାରେ ଦେଖେ ଶ୍ୟାମଳ ସବୁଜିମା ସୋରିଷ, ଧାନ କ୍ଷେତ ଓ ସ୍ୱଚ୍ଛ ନଈର ଜଳଧାର । ଏମିତି ପ୍ରାକୃତିକ ଶୋଭାକୁ ଦେଖି ତାହା ସାଇତିବା ପାଇଁ ମନବଳାଇଥିଲି । ସେଥିପାଇଁ ବୋଧେ ସେହି ସମୟରେ ମୋ ଭିତରେ ଜଳିଉଠିଥିଲା କବିତାର ଅନ୍ତୁଡ଼ି ନିଆଁ । ସମୟକ୍ରମେ ଜୟରାମ ଉଚ୍ଚବିଦ୍ୟାଳୟରୁ ୧୦ମ ପାସ୍‌କରି କଲେଜ ପଢ଼ା ଆରମ୍ଭ ହୋଇଥିଲା। ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏମ୍‌ଏ (ଓଡ଼ିଆ), ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍. ଡିଗ୍ରୀ ହାସଲ କରିଥିଲି। ୧୯୯୪ ମସିହାରେ ଅଧ୍ୟାପନାକୁ ବୃତ୍ତି ଭାବେ ଗ୍ରହଣକରି ପାରାଦୀପ ମହାବିଦ୍ୟାଳୟ, ଭଦ୍ରକ ମହାବିଦ୍ୟାଳୟ, ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ, ଏବେ ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଭାଗ ମୁଖ୍ୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ କାର୍ଯ୍ୟରତ। ଅଧ୍ୟାପନା ସହ ଲେଖାଲେଖି ବି ଚାଲିଛି। ବିଭିନ୍ନ ଲେଖା ମଧ୍ୟରେ କବିତା ଲେଖିବା ମୋର ବେଶି ପସନ୍ଦ । କାରଣ ମୋ କବିତା ଗ୍ରାମୀଣ କୃଷି ସଂସ୍କୃତିର କଥା କୁହେ। ୨୦୦୮ରେ 'କାହାଣୀ' ପୂଜାସଂଖ୍ୟାରେ ଏକ କବିତା 'ଧାନଫୁଲ କାନଫୁଲ' ପ୍ରକାଶିତ ହୋଇଥିଲା। ସେତେବେଳେ ଦିନେ ସାନ୍ଧ୍ୟ ଭ୍ରମଣରେ ମୋ ସହ ଯାଉଥିବା ବାଣିଜ୍ୟ ବିଭାଗର ଜଣେ ଅଧ୍ୟାପକ ବନ୍ଧୁ ମୋ କବିତା ଶୁଣି ତାଙ୍କର ଆଖିରେ ଲୁହ ଛଳ ଛଳ ହୋଇଯାଇଥିଲା। ନିଜର ଭୁଲ୍ ଓ ଠିକ୍‌କୁ ଅନୁଭବ କରି ଅନୁତାପ କରିଥିଲେ। ସେତେବେଳେ ମୁଁ ଜାଣିଲି କବିତା କେମିତି ବଦଳାଇପାରେ ମଣିଷଙ୍କୁ । ତା' ପରେ ସେ ଅଧ୍ୟାପକ ବନ୍ଧୁ ତାଙ୍କ ଗାଁକୁ ଫେରିଥିଲେ। ଯିବାବେଳେ ତାଙ୍କ ମା' ଓ ଭାଉଜଙ୍କ ପାଇଁ ଶାଢ଼ି ଦୁଇଟି କିଣିନେଇଥିଲେ। ସେବେଠାରୁ ଆଉ ପଛକୁ ଚାହିଁନି। ସମାଜର ଚଳନ୍ତି ଘଟଣାକୁ ନେଇ କବିତା, ଉପନ୍ୟାସ, ଗଳ୍ପ ଓ ସମାଲୋଚନାମୂଳକ ଲେଖା ଲେଖିବା ସହ ଗବେଷଣାଧର୍ମୀ ଲେଖାଭାବେ– ଚଉଠ ଶତକର ଓଡ଼ିଆ କବିତା, ସ୍ୱର ଓ ସ୍ୱରୂପ ( ପିଏଚ୍.ଡି.), ପଚାଶ ବର୍ଷର ଓଡ଼ିଆ କବିତା ଏକ ଅର୍ଥନୀତିକ ଓ ସାମାଜିକ ସମୀକ୍ଷକ ( ଡି.ଲିଟ୍) ଲାଭ କରିପାରିଛି। ମୋର ଗବେଷଣା ଧର୍ମୀ ସମାଲୋଚନାଗୁଡ଼ିକ କେତେକ ପତ୍ରିକାରେ ପ୍ରକାଶିତ। ସେହିପରି ପୁସ୍ତକ ସମ୍ପାଦନାରେ– ସ୍ୱାଧୀନତାର ପରବର୍ତ୍ତୀ ଓଡ଼ିଆ ମିଥ୍ କବିତା, ମହାଯାତ୍ରା, ଓଡ଼ିଆ କ୍ଲାସିକ୍ କବିତା, ପଦ୍ମମାଳୀ, ପଞ୍ଚସ୍ୱର, ସ୍ୱରାଜ୍ୟଲକ୍ଷ୍ମୀ ମିଶ୍ରଙ୍କ କଥାକଳ୍ପ, ଈପ୍‌ସିତା– ଗଳ୍ପବିଶେଷାଙ୍କ, ଈପ୍‌ସିତା–ପ୍ରବନ୍ଧ ବିଶେଷାଙ୍କ, କବିତାରେ ପୁରୀ ଆଦି। ସମାଲୋଚନା ପୁସ୍ତକଭାବେ – ଲୋକ ଜୀବନ ଓ ଲୋକ ସାହିତ୍ୟ, ସାହିତ୍ୟ ସୋତ୍ର, ଉତ୍ତର ଆଧୁନିକ କାବ୍ୟଧାରା, ନୂଆ କବିତାର ନକ୍‌ସା, କାରାଗାରରୁ କୁଆଁତାରା, ବିଦଗ୍ଧ କାବ୍ୟବୋଧ, ପ୍ରାଚ୍ୟ ପାଶ୍ଚାତ୍ୟ ଓ ପ୍ରାଦେଶିକ ସାହିତ୍ୟ ତତ୍ତ୍ୱ, ସାହିତ୍ୟ ସ୍ୱରୂପ, ବାମା ବିମର୍ଶ, ବିଂଶରୁ ଏକବିଂଶ ଆଦି। କବିତା ସଂକଳନରେ ରହିଛି ପକ୍ଷୀ ପରକୀୟା, ଯୋଗୀଗୀତ, ଧାନଫୁଲ କାନଫୁଲ, ପାଣିବୁନ୍ଦାକୁ ଲୁହବୁନ୍ଦା ଇତ୍ୟାଦି।




ମୋ ମତରେ କବିତା ଲେଖିବା ପାଇଁ ଭାଷା ଓ ଶବ୍ଦର ଆବଶ୍ୟକତା ତ ରହିଛି, ହେଲେ ମୂଳ ଉପାଦନ ହେଉଛି ଭାବ। ମୁଁ ଲେଖିଥିବା କବିତାରେ ମୋ ଗାଁରେ ଭେଟିଥିବା ଚରିତ୍ରମାନଙ୍କ କଥା ରହିଥାଏ। ଯେମିତିକି ସେମାନଙ୍କ ସଂଘର୍ଷର କାହାଣୀ, ଅଭାବବୋଧ, ସମସ୍ୟା ଆଦି। ଏସବୁ କଥାକୁ ବୁଝାଇବା ଲାଗି ଗ୍ରାମୀଣ ଭାଷା, ଚିତ୍ରକୁ ସହଜ ଓ ସରଳ ଭାବେ କବିତାରେ ସ୍ଥାନ ଦେଇଥାଏ। କହିବାକୁ ଗଲେ କବିତା ଗୋଟେ କଳାତ୍ମକ ଜୀବନର ଅଭିବ୍ୟକ୍ତି , ଯାହା ମଣିଷର ଲୁହକୁ ନିମାଲ୍ୟରେ, ଶିଳାକୁ ଅପୂର୍ବ ଐଶ୍ୱରୀୟ ଆଧାରରେ ଶାଳଗ୍ରାମ କରେ, ବାଉଁଶକୁ ମୋହନ ବଂଶୀରେ, ପରିଣତ କରିଥାଏ। ମୋ ପାଇଁ କବିତା ଏକ ଆଧାତ୍ମିକ କାର୍ଯ୍ୟ। କବିତାର ପ୍ରକୃତ ଭାବ ହେଉଛି କାରୁଣ୍ୟ। ସେ କାରୁଣ୍ୟ ଆକାଶକୁ ଛୁଇଁପାରେ କିମ୍ବା ପାତାଳକୁ ଯାଇପାରେ। ମୋ କବିତାର ଲୁହ ହେଉଛି ମୁଖ୍ୟ । କବିତା ଲେଖିଲା ବେଳେ ଆଖି ଛଳଛଳ ହେବା ଜରୁରୀ। କବି ନିଜେ ନ କାନ୍ଦିଲେ ଅନ୍ୟକୁ କନ୍ଦେଇ ପାରେନା ! ଭାବାବେଗ ନ ରହିଲେ ସେ କବିତା ହୋଇପାରେନା। ତାଙ୍କର ଏହି ସାହିତ୍ୟକୃତୀ ପାଇଁ ସେ ଅନେକ ସ୍ଥାନରେ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ଯାହା ମଧ୍ୟରେ ଜନସୁଧା ପ୍ରତିଭା ସମ୍ମାନ କଟକ, କେନ୍ଦ୍ରାପଡ଼ା ସାହିତ୍ୟ ସଂସଦ, ପୁର୍ନବା ସାହିତ୍ୟ ସଂସଦ ଚାନ୍ଦୋଳ, ଧାନଫୁଲ ସମ୍ମାନ ଭଦ୍ରକ, ଭାରତୀୟ ଭାଷା ପରିଷଦ ଯୁବସମ୍ମାନ,ଲେଖାଲେଖି ଯୁବକବି ପୁରସ୍କାର,ଓଡ଼ିଶା ବହିମେଳା ଯୁବସାରସ୍ୱତ ସମ୍ବର୍ଦ୍ଧନା, ଓଡ଼ିଆ ପର୍ବ ସମ୍ମାନ, ଅଭିନନ୍ଦନିକା ସମ୍ମାନ ପୁରୀ, ଚିତ୍ର ସାହିତ୍ୟ ସମ୍ମାନ , ଝଙ୍କାର ପ୍ରବନ୍ଧ ପୁରସ୍କାର, ସାଧନା ସାରସ୍ୱତ ସମ୍ବର୍ଦ୍ଧନା କୋଣାର୍କ ଆଦି ରହିଛି।

–ବନବିହାରୀ ବେହେରା







# ମାନସିକ

– ଲିନାରାଣୀ ଧଳମଙ୍ଗରାଜ

ଜଣେ ଡାକ୍ତରଙ୍କଠୁ ଆଉ ଜଣେ ଡାକ୍ତର, ବିଭିନ୍ନ ପ୍ରକାର ଚିକିତ୍ସା, ଆଉ ଅନେକ ଔଷଧ ଖାଇବା ପରେ ସେମିତି କିଛି ସୁଫଳ ମିଳି ନ ଥିଲା ରିତିନାକୁ। ଆଉ ଅଧିକ କିଛି ଚେଷ୍ଟା କରିବାକୁ ମନ ଚାହୁଁ ନ ଥିଲା। ଆଧୁନିକ ଚିକିତ୍ସା ବିଜ୍ଞାନରୁ ସେ କିଛି ଲାଭ ପାଇ ପାରି ନ ଥିଲା । ଥକିଯାଇଥିଲା ଏକ ପ୍ରକାର ସେ । ସାମାଜିକ, ପାରିବାରିକ କଟକଣା ଜାଲରେ ଛନ୍ଦିହୋଇପଡୁଥିଲା । ମାଆ ହେବା ଏତେ ଯେ ଜରୁରୀ ଏକ ସାମାଜିକ ଜୀବନ ପାଇଁ ସେ ବୁଝିଯାଇଥିଲା। ଯିଏ ଦେଖିଲେ ପ୍ରଥମ ପ୍ରଶ୍ନ ରହୁଥିଲା, କେବେ ମିଳିବ ଖୁସିଖବର, ଏତେ ବର୍ଷ ହେଲାଣି ଅଥଚ ..... !

ଛୋଟ ପିଲାଟେ ଦେଖିଲେ ତାକୁ ଭଲ ଲାଗେ, ଜାବୁଡ଼ି ଧରି ଗେହ୍ଲା କରିବାକୁ ଇଚ୍ଛା ହୁଏ। ନିଜ ଗର୍ଭସ୍ଥ ଶିଶୁ ପାଇଁ ସ୍ୱପ୍ନ ଦେଖେ। କିନ୍ତୁ ମାଆ ହେବା ପାଇଁ ତା'ର ଅସୁବିଧାକୁ ସେ କି ଡାକ୍ତର ଠିକ୍ ଭାବରେ ଧରିପାରନ୍ତି ନାହିଁ । ସବୁ ତ ଠିକ୍ ଅଛି ... କାହିଁ ହେଉନି ..!

ପିଲା କ'ଣ ସତରେ ଏତେ ଜରୁରୀ, ବେଳେ ବେଳେ ଚିନ୍ତାକରେ ରିତିନା, ଜରୁରୀ ଯଦି ଗୋଟିଏ ମାଆ ଛଅଟି ଛୁଆଙ୍କୁ ଏକା ପାଳିକି ବଡ଼ ମଣିଷ କରୁଥିବା ବେଳେ ଛଅଟା ଛୁଆ ଗୋଟିଏ ମାଆକୁ ସମ୍ଭାଳି ପାରନ୍ତିନି କାହିଁକି ? ବୃଦ୍ଧାଶ୍ରମ– ଗାଁଠାରୁ ସହରରେ ଛତୁ ଫୁଟିଲା ଭଳି ଖୋଲିଲାଣି ।

ଏବେ ଆରମ୍ଭ ହୋଇଯାଇଛି ଘର ଭିତରେ ପୂଜାର୍ଚ୍ଚନା। କିଏ କହିଲାଣି, ଏ ପୂଜା କରିବାକୁ ତ କିଏ କହୁଛି ସେ ବ୍ରତ ସପ୍ତାହେ କର। ଅସମ୍ଭବ ସମ୍ଭବ ହେଇଯିବ। ଜଣଙ୍କ କଥା ମାନି ଦୂର ଗାଁରେ ଥିବା ମନ୍ଦିର ବେଢ଼ାରେ କଳ୍ପବଟରେ ମାନସିକ ସୂତା ବାନ୍ଧିବା ବେଳେ ଦେଖିଲା ଯେ, ଏତେ ସୂତା ବନ୍ଧା ହୋଇଛି ଯେ ଖଣ୍ଡିଏ ସୂତା ବାନ୍ଧିବାକୁ ଗଛରେ ଜାଗା ନାହିଁ। ଏତେ ସୂତା, ଏତେ ସମସ୍ୟା ! ସମସ୍ତଙ୍କର ସମାଧାନ କଳ୍ପବଟ କରୁଛି ବୋଲି ତ ଏତେ ପ୍ରଚାର । ଆଗରୁ ବନ୍ଧାହୋଇଥିବା ସୂତାକୁ ଘୁଞ୍ଚେଇ ନିଜ କୋଳ ପୂର୍ଣ୍ଣ କରିବାକୁ ମାନସିକ ସୂତା ବାନ୍ଧୁଥିଲା ରିତିନା।

*–ଶତାବ୍ଦୀନଗର, ଭୁବନେଶ୍ୱର*
*ମୋ:୮୨୪୯୦୮୩୪୭୭*



## ହେ ଈଶ୍ୱର

–ନୃସିଂହ ତରାଇ

ମୁଁ ଫେରେଇ ଦେବାକୁ ଆସିଛି
ସବୁ ସୁଖ ଓ ସରସତା
ତମେ ଦେଇଥିବା
ନିମିଷେ ଶାନ୍ତି
ଟୋପାଏ ମଗ୍ନତା ।

ମୋତେ ସଜେଇ ଦିଅ
ସବୁ ଜ୍ୱାଳା ଓ ଯନ୍ତ୍ରଣାରେ
ତମ ଅଭାବ ଓ ଅସ୍ଥିରତାର କାରଣରେ,
ତମ ପଡ଼ା, ପଡ଼ିଶାଙ୍କ ପୀଡ଼ାରେ ।

ଉତ୍ଖାତ ହେଉଥିବା ଈଶ୍ୱରତ୍ୱ
ଭାଙ୍ଗିଯାଉଥିବା ବିଶ୍ୱାସ
ଓ ଧର୍ମର ଧ୍ୱଜା,
ତମ ମହାନ୍ ଆଦର୍ଶକୁ ବରଂ
ହେପାଜତ କର ।

ସଭିଙ୍କୁ ସଜେଇ ଦିଅ
ସତତା ଓ ଶ୍ରଦ୍ଧାରେ
ଫେରେଇ ନିଅ ମନ ଗହନରୁ
ସବୁ ଅନ୍ଧାର ଓ ଅଂହକାର
ଯଦି ହେବାକୁ ହୁଏ, ହୁଅ
ଆଉ ଥରେ କ୍ରୁଶବିଦ୍ଧ
ହେ ଈଶ୍ୱର ।


*–ପୂର୍ବତଟ ରେଳବାଇ, ଭୁବନେଶ୍ୱର*
*ମୋ:୭୯୭୮୩୮୧୨୧୩*

## ନେପଥ୍ୟ

–ମାନସ ରଞ୍ଜନ ବାରିକ୍

ତମେ ବି ଜାଣିଛ ତମେ ବୁଝିପାର
ପାପୀ ମଣିଷର ପୂଜା
ତଥାପି କାହିଁକି ଭିତିରି କଥାର
ରହିଲା ସାର ଅବୁଝା ?
ତମେ ତ ନ୍ୟାୟମୂର୍ତ୍ତୀ
ତମେ ଯେ ବିଜ୍ଞବ୍ୟକ୍ତି
ଅକୁହା କଥାକୁ ଶୁଣି ନ ପାରିଲେ
କେମିତି ଚାଲିବ ନୀତି ?
ଆଗ ଦେଖିଲନି
ପଛ ଦେଖିଲନି
ଦେଖିଲନି ସେଇ ସବୁ
ଯାହା କେବେ ଦେଖା ଗଲାନାହିଁ
କେମିତି କରିବ ହିସାବ କିତାବ
ଯଦି ନ ବୁଝିବ
ଯାହା ସେ ଖୋଲି କେବେ
କହିଲା ହିଁ ନାହିଁ ?

*–କଣ୍ଟିପାଳ, କେନ୍ଦୁଝର*
*ମୋ:୯୦୭୮୯୩୪୯୩୪*





ଧୀରେନ୍

# ଆଶାରେ ଧୀରେନ୍

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ନୂଆ ସିନେମା 'କେମିତି ପ୍ରେମ'। ଏହାର ପ୍ରଯୋଜନା କରିବା ସହ ଚିତ୍ରଟିର ନାୟକ ସାଜୁଛନ୍ତି ଧୀରେନ୍ ତ୍ରିପାଠୀ। ସିନେମାର କାହାଣୀ ରଚନା କରିଛନ୍ତି ଆଶୁତୋଷ ବାରିକ। ଫିଲ୍ମ ସମ୍ପର୍କରେ ଧୀରେନ୍ କହନ୍ତି, 'ବର୍ତ୍ତମାନର ଯୁବପିଢ଼ୀଙ୍କୁ ଲକ୍ଷ୍ୟ କରି କାହାଣୀ ଚୟନ କରାଯାଇଛି। ଏଥିରେ କେବଳ ଲଭ୍ ନୁହେଁ, ଇମୋଶନ, ଆକ୍ସନ, କମେଡି, ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ଗୋଟିଏ ପଟେ ପ୍ରଯୋଜନା ଏବଂ ଅନ୍ୟପଟେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବା ଏକ ରିସ୍କ। ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ।' ମା' ଧନଲକ୍ଷ୍ମୀ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ଆନନ୍ଦ କୁମାର। ଏଥିରେ ଧୀରେନଙ୍କ ବ୍ୟତୀତ ପ୍ରିୟଙ୍କା ସାହୁ, ରାକେଶ ଦେଓ, ପ୍ରିୟଙ୍କା ପାଣିଗ୍ରାହୀ, ରାବଣ, ଗୁଲ୍ଟୁ, ମିତା ଚକ୍ରବର୍ତ୍ତୀ, କୁସୁମ ତ୍ରିପାଠୀ, ଲଲାଟେନ୍ଦୁ, ସୁଶାନ୍ତ ସାହୁ, ଟୁନା ଟନ୍ ଟନ୍, ଶୁଭଶ୍ରୀ ଏବଂ ଶିଶୁ କଳାକାର ତନିଷ୍କା ମିଶ୍ର।



ଟାଇଗର

# ପୁଣିଥରେ ଆକ୍ସନ

ବଲିଉଡ୍‌ର ୟଙ୍ଗ ସେନସେସନ୍ ଟାଇଗର ଶ୍ରଫ। ନାମ ଯେମିତି କାମ ବି ସେମିତି। ମାତ୍ର କେତୋଟି ବର୍ଷ ଭିତରେ ସେ ନିଜକୁ ଜଣେ ଆକ୍ସନ ଷ୍ଟାର ଭାବରେ ପରିଚିତ କରାଇ ସାରିଲେଣି। ଏବେ ସେ ପୁଣି ଥରେ ଆଲୋଚନାର କେନ୍ଦ୍ର ବିନ୍ଦୁ ସାଜିଛନ୍ତି। କଥାରେ ପରା ଅଛି–ମଲୁ ଖୋଜୁଥିଲା ଯାହା ବଇଦ ବତାଇଲା ତାହା। ଦେଖୁନାହାନ୍ତି, ଯେପରି ଏକ ଆକ୍ସନ ପ୍ଲଟ ସେ ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଏହି କାହାଣୀକୁ ନେଇ ସିନେମାଟିଏ ନିର୍ଦ୍ଦେଶନା ଦେବେ ଜଣେ ନବାଗତ। ଯେତେବେଳେ ଏହି ଫିଲ୍ମରେ କିଏ ଲିଡ୍ ରୋଲ୍‌ରେ ଅଭିନୟ କରିବ ସେ ଚିନ୍ତାରେ ପଡିଥିଲେ ନିର୍ଦ୍ଦେଶକ, ଠିକ୍ ସେତିକି ବେଳକୁ ଟାଇଗରଙ୍କ ନାମ ତାଙ୍କ ମନକୁ ଆସିଥିଲା। ବାସ୍, ବିଳମ୍ବ ନ କରି ତାଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ଟାଇଗର ମଧ୍ୟ ଏ ନେଇ ନିଜର ସମ୍ମତି ପ୍ରଦାନ କରିସାରିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ମୁଁ ସବୁବେଳେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଆକ୍ସନ ସିନେମାରେ ଅଭିନୟ କରିବାକୁ ପସନ୍ଦ କରିଥାଏ। ଏହି ନୂଆ ଫିଲ୍ମରେ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ମସଲା ଭରି ରହିଛି। ତେଣୁ ଚଳଚ୍ଚିତ୍ରଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା କରୁଛି।' ଏହି ଅନଟାଇଟଲଡ୍ ଫିଲ୍ମର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ।

# ଶେଷରେ ବୁଝିଲେ

ଯାହାହେଉ ଏତେଦିନ ଧରି ଚାଲିଥିବା ଆଲୋଚନାର ମଧୁର ଫଳ ମିଳିଛି। କଥା କ'ଣ କି, ରଶ୍ମିକା ମନ୍ଦାନାଙ୍କୁ ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ସାଇନ୍ କରିବାକୁ ଇଚ୍ଛାପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ ରଶ୍ମିକା ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ। ତା'ସହ ସେ ନିଜ ଭୂମିକାରେ କିଛି ବୋଲ୍ଡ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡିଥିଲେ ପ୍ରଯୋଜକ। ଶେଷରେ ଦୁହିଁଙ୍କ ଭିତରେ ପ୍ରାୟ ୩–୪ଥର ଆଲୋଚନା ହେବା ପରେ ଏହି ଘଟଣାର ମଧୁରେଣ ସମାପୟେତ ଘଟିଛି। ଏ ସମ୍ପର୍କରେ ରଶ୍ମିକା କହନ୍ତି, 'ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋର ଭୂମିକାରେ କିଛି ପରବର୍ତ୍ତନ କରାଯାଇଛି। ତା'ସହ ମୋତେ ଦୁଇଟି ଆକ୍ସନ ଶଟ୍ ଦେବାକୁ ପଡିବ, ଯାହାର କାହାଣୀ ସହ ସମ୍ପର୍କ ରହିଛି। ଏ ନେଇ ପ୍ରଯୋଜକ ଏବଂ ନିର୍ଦ୍ଦେଶକଙ୍କ ସହ ବିଶଦ ଭାବରେ ଆଲୋଚନା କରିବା ପରେ ମୋ ମନରେ ଉଙ୍କି ମାରିଥିବା ସନ୍ଦେହ ଦୂର ହୋଇଥିଲା। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ।'



ରଶ୍ମିକା

# କାହାଣୀ ମିଶନ

କଥାରେ ଅଛି ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ରହିବା ହେଲା ବଡ କଥା। ସାରା ଅଲ୍ଲୀ ଖାଁ ବି ନିଜ ଉପରେ ଶତ ପ୍ରତିଶତ ବିଶ୍ୱାସ ରଖି ଏ ରାସ୍ତାରେ ପାଦ ଦେଇଛନ୍ତି। ସେ କାହାକୁ ଅପେକ୍ଷା କରିଛନ୍ତି ଜାଣିବେନି? କଥା କ'ଣ କି ଏକ କମେଡିଭିତ୍ତିକ କାହାଣୀ ଖୋଜୁଛନ୍ତି ସେ। ନିକଟରେ ଏକ କାର୍ଯ୍ୟକ୍ରମରେ ତାଙ୍କର ଜଣେ ପ୍ରଯୋଜକଙ୍କ ସହ ଭେଟ ହୋଇଥିଲା। ଆଲୋଚନା ପ୍ରସଙ୍ଗରେ ସାରା ତାଙ୍କୁ କହିଥିଲେ ଯେ, 'ମୁଁ ଏକ କମେଡଭିତ୍ତିକ କାହାଣୀ ଖୋଜୁଛି।' ଏକଥା ଜାଣିବା ପରେ ସେହି ପ୍ରଯୋଜକଙ୍କର ଉତ୍ସାହ ବଢ଼ିଯାଇଥିଲା। ସେ ତାଙ୍କୁ କହିଲେ, ଯଦି ଆପଣ ଏଭଳି ଏକ ଭଲ କାହାଣୀଟିଏ ପାଆନ୍ତି ତେବେ ମୋ ସହ ଯୋଗାଯୋଗ କରିପାରନ୍ତି। ଆଉ ତା'ପରେ ସାରା ଏ ନେଇ ଦିନରାତି ଏକାଠି କରିଦେଇଛନ୍ତି। ଏ ସମ୍ପର୍କରେ ସାରା କହନ୍ତି, 'ବର୍ତ୍ତମାନ ମୁଁ ଏକ କମେଡିକୁ ଆଧାର କରି କାହାଣୀଟିଏ ଖୋଜୁଛି। ଅବଶ୍ୟ ୟା ଭିତରେ ମୋତେ ୨–୩ଟି ଏପରି କାହାଣୀର ସୁରାକ ମୋତେ ମିଳିଥିଲା, ହେଲେ ସେଗୁଡିକ ମୋତେ ପ୍ରଭାବିତ କରିପାରି ନ ଥିଲା। ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି ଯେ ମୋର ଏହି କାହାଣୀ ମିଶନ ନିଶ୍ଚୟ ସଫଳ ହେବ। ଅବଶ୍ୟ ଏଥିପାଇଁ ସମୟ ଲାଗିପାରେ, ହେଲେ ସେ ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିବାକୁ ତୟାର।' ତେବେ ସାରାଙ୍କ ଏହି କାହାଣୀ ଖୋଜାର ପରିଣାମ କ'ଣ ହେଉଛି ତାହା ଜାଣିବାକୁ ଆମକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡିବ।



ସାରା

# ଡରକୁଳି ଅନନ୍ୟା

ଗୋଟିଏ ଜିନିଷ ଦେଖିବାକୁ ପାଇଲେ ଅନନ୍ୟାଙ୍କ ଅବସ୍ଥା ଖରାପ ହେଇଯାଏ। ସେଇଟି କ'ଣ ଜାଣନ୍ତି? ନିଜ ଛାଇ। ହଁ, ଅନନ୍ୟା ପାଣ୍ଡେ ନିଜ ଛାଇକୁ ଦେଖିଲେ ଭାରି ଭୟ କରନ୍ତି। ଶୁଟିଂ ସମୟରେ ବି ଥରେ ସେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଥରେ ସନ୍ଧ୍ୟା ସମୟରେ ଇନ୍‌ଡୋର ଶୁଟିଂ ଚାଲିଥାଏ। ଏହି ସମୟରେ ସେ ଯେମିତି ପଛକୁ ଚାହିଁ ଦେଇଛନ୍ତି ତାଙ୍କର ଅକଲ ଗୁଡୁମ୍। ସେ ଶଟ୍ ଦେବେ କ'ଣ ଚିତ୍କାର କରି ଉଠିଲେ। କ'ଣ ପାଇଁ ତାଙ୍କର ଏଭଳି ଅବସ୍ଥା ହେଲା ପଚାରିବାରୁ ସେ କହିଲେ, ସେଦିନ ସନ୍ଧ୍ୟାରେ କ୍ୟାମେରା ସାମ୍ନାକୁ ଯିବା ପରେ ମୁଁ ଟିକେ ପଛକୁ ଚାହିଁଦେଇଥିଲି। ଆଉ ତା'ପରେ ଡାଏଲଗ୍ କହିବି କ'ଣ ଭୟରେ ଚିତ୍କାର କରି ଉଠିଲି। କାରଣ ପଛକୁ ଚାହିଁବାବେଳେ ମୁଁ ମୋ ନିଜ ଛାଇକୁ ଦେଖି ଡରିଗଲି। ଏହା ଦେଖି ନିର୍ଦ୍ଦେଶକ ଦଉଡ଼ି ଆସିଲେ। ସେଦିନ ଏତେ ଡରି ଯାଇଥିଲି ଯେ, ଶୁଟିଂକୁ କିଛି ସମୟ ପାଇଁ ବନ୍ଦ ରଖିବାକୁ ପଡ଼ିଥିଲା। ହେଲେ ପରେ ଯେବେ ମୁଁ ମୋ ଛାଇକୁ ଦେଖି ଡରିଲି ବୋଲି କହିଲି, ସେଠାରେ କିଛି ସମୟ ପାଇଁ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ତା'ପରେ ମୁଁ ସାଧାରଣ ଅବସ୍ଥାକୁ ଆସି ଶଟ୍ ଦେଇଥିଲି।'



ଅନନ୍ୟା

# ଯଦି ଜ୍ୟାକଲିନ୍ ରାଜି ହୋଇଥାଆନ୍ତେ...

କଥାରେ ଅଛି ବୋହି ଗଲା ପାଣି ଆଉ ଧନୁରୁ ତୀର ଖସିଲା ପରେ ତାହା ଆଉ ଫେରି ଆସେନା। ଦେଖୁନାହାନ୍ତି, ଯେତେବେଳେ ତାଙ୍କୁ ଅଫର ମିଳିଲା ସେଥିରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଲେ। ହେଲେ ଯେତେବେଳେ ଏନେଇ ଗଭୀର ଭାବରେ ଚିନ୍ତା କଲେ ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲେ। ହେଲେ ସେତବେଳକୁ ଅଫରଟି ତାଙ୍କ ହାତରୁ ଖସି ଯାଇଥିଲା। କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କର ସିନେମାରେ ଅଭିନୟ କରିବାକୁ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିସଙ୍କୁ ଅଫର ଦେଇଥିଲେ। ହେଲେ ସେତେବେଳେ ସେ ଏପରି ଅଫରକୁ ମନା କରିଥିଲେ। ଏ ନେଇ ଜ୍ୟାକଲିନ୍ କହନ୍ତି, 'ଏହି ଅଫରଟି ମିଳିବା ସମୟରେ ମୁଁ ସେଥିରେ ଆକ୍ଟିଂ କରିବି ନାହିଁ ବୋଲି ମନା କରିଦେଇଥିଲି। ହେଲେ ପରେ ଯେତେବେଳେ ସେ ନେଇ ଗଭୀର ଭାବେ ଚିନ୍ତା କରି ପ୍ରଯୋଜନା ସଂସ୍ଥାକୁ ମୋ ପରିବର୍ତ୍ତିତ ନିଷ୍ପତ୍ତି ସମ୍ପର୍କରେ ଜଣାଇଲି ସେତେବେଳକୁ ସବୁକିଛି ଶେଷ ହୋଇଯାଇଥିଲା।' ତେବେ ଜ୍ୟାକଲିନ୍‌ଙ୍କ ସ୍ଥାନରେ ସଂପୃକ୍ତ ପ୍ରଯୋଜକ ଏବେ ଜଣେ ନବାଗତାଙ୍କ ସନ୍ଧାନରେ ଅଛନ୍ତି।



ଜ୍ୟାକଲିନ୍

# ଭଉଣୀକୁ ଉପହାରରେ ଘଣ୍ଟା ଦେଇଥିଲି

## ପ୍ରଥମ ରୋଜଗାର



ସାହିତ୍ୟିକ ମନୋଜ କୁମାର ଜେନା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି ...

ମୋ ଗାଁ ହେଉଛି ଢେଙ୍କାନାଳ ଜିଲାର ନିହଲପ୍ରସାଦ। ଗାଁ ସ୍କୁଲରେ ନବମ ପଢିଲା ପରେ କଟକ ଚୌଦ୍ୱାରରେ ଥିବା ମୋ ଭଉଣୀ ଘରେ ରହି ଚୌଦ୍ୱାର ମ୍ୟୁନିସିପାଲଟି ହାଇସ୍କୁଲରେ ମାଟ୍ରିକ୍ ପଢିଥିଲି। ତା'ପରେ ରେଭେନ୍ସା କଲେଜରେ ଆଇ.ଏସ୍‌ସି, ବିଜେବି କଲେଜରେ ବି.ଏ. ଓ ବାଣୀବିହାରରେ ଅର୍ଥନୀତିରେ ଏମ୍.ଏ. ପଢିଲି। ବାଣୀବିହାରରେ ପଢ଼ିବାବେଳେ ହିଁ ଚାକିରି କରିବାର ଇଚ୍ଛା ମୋ ମନ ଭିତରେ ଆସିଲା। ଏମ୍.ଏ. ପାସ୍ ପରେ ଯଦି ସଙ୍ଗେ ସଙ୍ଗେ ଚାକିରି ନ ମିଳେ, ତେବେ ବାହାରେ ରହି ଚାକିରି ପାଇଁ ପ୍ରସ୍ତୁତ ହେବା କଷ୍ଟସାଧ୍ୟ। ବାପା ଥାଆନ୍ତି ଗାଁ ମାଇନର୍ ସ୍କୁଲରେ ହେଡ୍‌ମାଷ୍ଟର। ମନ ଖୁସିରେ ରହି ମନଇଚ୍ଛା ଖର୍ଚ୍ଚକରି ପଢାପଢି କରିବାକୁ ସେ ଉତ୍ସାହିତ କରୁଥିଲେ ହେଁ ବାପାଙ୍କ ଉପରେ ବୋଝ ହୋଇରହିବା ପାଇଁ ଚାହୁଁ ନ ଥିଲି। ଯଥାଶୀଘ୍ର ଚାକିରି କରି ମା'ବାପାଙ୍କ ମୁହଁରେ ଟେନାଏ ହସ ଖେଳାଇବା ଥିଲା ମୋ ମନର ଏକମାତ୍ର ଇଚ୍ଛା। ଆମେ ତିନି ଭାଇ ଓ ଚାରି ଭଉଣୀ। ତିନି ଭଉଣୀ ବିବାହ କରିସାରିଥିଲେ। ଚତୁର୍ଥ ଭଉଣୀ ଅବିବାହିତ ଥିଲା। ତା' ବାହାଘର କରିଦେଲେ ମା'ବାପା ଶାନ୍ତିରେ ନିଃଶ୍ୱାସ ନେବେ ବୋଲି ଭାବୁଥାନ୍ତି। ସେମାନଙ୍କର କଥା ଓ ବ୍ୟଥା ମୋ ହୃଦୟକୁ ଉଦ୍‌ବେଳିତ କରୁଥାଏ। ଜୀବନରେ ବ୍ୟକ୍ତିଗତ ସଫଳତା ଅପେକ୍ଷା ମା'ବାପାଙ୍କୁ ଚିନ୍ତା ମୁକ୍ତ କରିବାକୁ ମୁଁ ବେଶି ପ୍ରାଧାନ୍ୟ ଦେଉଥିଲି। ସେଥିପାଇଁ ଏମ୍.ଏ. ପଢିଲାବେଳେ ଯେଉଁ ଚାକିରି ବିଷୟରେ ଖବରକାଗଜରେ ବାହାରେ, ମୁଁ ସଙ୍ଗେସଙ୍ଗେ ଆପ୍ଲାଏ କରେ। ଦିନେ ଏଜି ଅଫିସରେ ଅଡିଟର୍ ଚାକିରି କରିବା ପାଇଁ ପୁରୀରେ ଲିଖିତ ପରୀକ୍ଷା ଦେବାକୁ ଚିଠି ପାଇଲି। ସେତେବେଳେ ପର୍ଯ୍ୟନ୍ତ ମୁଁ ପୁରୀ ଦେଖି ନ ଥିଲି। ବଡ଼ଦାଣ୍ଡରେ ପହଞ୍ଚି ଶ୍ରୀମନ୍ଦିରର ନୀଳଚକ୍ର ଓ ପତିତପାବନ ବାନା ଦେଖି ଆନନ୍ଦରେ ବିଭୋର ହୋଇଗଲି। ୧୯୭୮ ମସିହା ମାର୍ଚ୍ଚ ୩ରେ ଏଜି ଅଫିସରେ ଅଡିଟର୍ ଭାବରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଥିବା ଚିଠି ପାଇ ଆନନ୍ଦରେ ଅଧୀର ହେଲି। ମୋର ଶୁଭାକାଂକ୍ଷୀମାନେ ଚାକିରିରେ ଯୋଗ ନ ଦେଇ ଯୋଗଦାନ ତାରିଖ ଏମ୍.ଏ. ପରୀକ୍ଷା ସରିବା ପର୍ଯ୍ୟନ୍ତ ଘୁଞ୍ଚାଇବା ପାଇଁ ଦରଖାସ୍ତ ଦେବାକୁ ପରାମର୍ଶ ଦେଲେ। ସେତେବେଳକୁ ଏମ୍.ଏ. ପରୀକ୍ଷା ପ୍ରାୟ ୯/୧୦ ମାସ ବାକି ଥାଏ। କିନ୍ତୁ ପରିସ୍ଥିତି ଦୃଷ୍ଟିରୁ ଚାକିରି କରି ରୋଜଗାର କରିବାକୁ ମୁଁ ଶ୍ରେୟସ୍କର ଭାବିଲି। ଯୋଗଦାନ କଲାଦିନ ଏଜି ଅଫିସ୍‌ର ବରିଷ୍ଠ ଅଧିକାରୀ ମୋତେ କହିଲେ-'ଆଜି ତୁମର ଜନ୍ମଦିନ। ତୁମର ୨୧ ବର୍ଷ ଆଜି ସମ୍ପୂର୍ଣ୍ଣ ହେଲା'। ତାଙ୍କଠାରୁ ଏହା ଶୁଣି ମୁଁ ଅତି ଖୁସି ହୋଇଯାଇଥିଲି। ମାର୍ଚ୍ଚ ୩୧ ତାରିଖରେ ଅଫିସ୍‌ରେ କାମ କରୁଥିବା ସମୟରେ ମୋର ଜଣେ ବରିଷ୍ଠ ସହକର୍ମୀ ୩୩୦ ଟଙ୍କା ମୋ ହାତରେ ଧରାଇ ଦେଇ କହିଲେ-'ଏହା ତୁମର ପ୍ରଥମ ଦରମା'। ମୁଁ ଆନନ୍ଦରେ ବିଭୋର ହୋଇ ସେ ଟଙ୍କାକୁ ଆବେଗର ସହ ଜାବୁଡ଼ି ଧରିଲି। ସନ୍ଧ୍ୟାରେ ରାଜମହଲ ଛକ ସନ୍ନିକଟସ୍ଥ ଖାନ୍ ୱାଚ୍ କମ୍ପାନୀକୁ ଯାଇ ନୂଆ ଆକର୍ଷଣୀୟ ଲେଡିଜ୍ ୱାଚ୍‌ଟିଏ କିଣି ବସ୍‌ରେ ଯାଇ ରାତିରେ ଗାଁରେ ପହଞ୍ଚିଲି। ଭଉଣୀ ହାତରେ ସେ ଲେଡିଜ୍ ୱାଚ୍‌ଟି ପିନ୍ଧାଇଦେଲି। ମା'ବାପାଙ୍କ ମୁହଁରେ ଖେଳୁଥିଲା ପୋଷେ ତାଜା ହସ ଓ ଆତ୍ମସନ୍ତୋଷ। ଭଉଣୀର ବାହାଘର ପାଇଁ ଏହା ଥିଲା ମୋର ଗୁଣ୍ଡୁଚିମୂଷା ଅବଦାନ ଭଳି। ଏଜି ଅଫିସ୍‌ରେ ୩ ମାସ ଚାକିରି କଲି। ତା'ପରେ ଓଡ଼ିଶା ଅର୍ଥ କର୍ପୋରେଶନରେ ଆସିଷ୍ଟାଣ୍ଟ ଫାଇନାନ୍ସିଆଲ ମ୍ୟାନେଜର୍ ଭାବେ ୨ବର୍ଷ ଅତିବାହିତ କରି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରେ ଅଫିସର୍ ଭାବରେ ଯୋଗଦେଲି। କିନ୍ତୁ ପ୍ରଥମ ଚାକିରିର ପ୍ରଥମ ଦରମାର ଅନୁଭବ ଓ ଅନୁଭୂତି ସବୁବେଳେ ସ୍ମୃତିପଟରେ ଝଲସି ଉଠେ। ଏହା ଭିତରେ ଅନେକ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ପ୍ରାକ୍ତନ ଚିଫ୍ ରିଜିଓନାଲ ମ୍ୟାନେଜର ଭାବେ ଅବସର ବି ନେଇସାରିଛି। ବ୍ୟାଙ୍କ ଚାକିରି ମୋର ବୃତ୍ତି ହେଲେ ସାହିତ୍ୟ ମୋର ପ୍ରବୃତ୍ତି। ଅବସର ପରେ ଗଳ୍ପ, କବିତା, ପ୍ରବନ୍ଧ ଲେଖିବାରେ ମନୋନିବେଶ କରିଛି। ବର୍ତ୍ତମାନ ସୁଦ୍ଧା ୪ଟି ଗଳ୍ପ ସଙ୍କଳନ, ୨ଟି କବିତା ସଙ୍କଳନ ଓ ୨ଟି ପ୍ରବନ୍ଧ ସଙ୍କଳନ ମୋର ପ୍ରକାଶ ପାଇସାରିଛି। ଅନେକ ଅଗ୍ରଣୀ ପତ୍ରପତ୍ରିକାରେ ବି ମୋ ଗଳ୍ପ, କବିତା, ପ୍ରବନ୍ଧ ପ୍ରକାଶିତ ହୋଇଛି। ସମ୍ପ୍ରତି ମୁଁ 'ଝରଣା' ପତ୍ରିକାର ସମ୍ପାଦକ ଓ 'ଚିରସମର୍ଥା' ପତ୍ରିକାର କାର୍ଯ୍ୟକାରୀ ସମ୍ପାଦକ ଦାୟିତ୍ୱ ତୁଲାଉଅଛି। ତା'ସହିତ ଲାୟନ୍ସ କ୍ଲବ୍ ଅଫ୍ ଭୁବନେଶ୍ୱର ବ୍ୟାଙ୍କର୍ସର ଡାଇରେକ୍ଟର ଭାବେ ସମାଜସେବା ପାଇଁ ମଧ୍ୟ ସହଯୋଗର ହାତ ବଢାଇଛି।



## ସାଥୀ

# ଘଡିଏ ବର୍ଷାକୁ ଚେନାଏ ଖରା ଚାତୁରୀ ପ୍ରେମିକା ନ ଦିଏ ଧରା

**ପ୍ରଶ୍ନ**-ଜଣେ ସୁନ୍ଦରୀ ସହ ପ୍ରଥମ ଦେଖାରେ ମୋତେ ଏମିତି ଲାଗିଲା ଯେ ସତେ ଯେମିତି ତାକୁ ମୁଁ ପୂର୍ବରୁ ଜାଣିଛି। ହେଲେ ମୋର ଦୁର୍ଭାଗ୍ୟ ଏଇଆ ଯେ ସେହି ଚାତୁରୀ ପ୍ରେମିକା ସହ ଆଉ ଭେଟ ହେଉନି। ଏବେ ମୁଁ କ'ଣ କରିବି ?

*-ସୁକେଶ କୁମାର ସାହୁ, ଜଗତସିଂହପୁର*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, ଆପଣ ତା' ସହ କଥା ହେଲେ ଠିକ୍ ଅଛି, ହେଲେ ତାହାର ଠିକଣା ପଚାରି ବୁଝିବାକୁ ବୋଧହୁଏ ଭୁଲି ଯାଇଛନ୍ତି। ତେଣୁ ସେହି ଅଜଣା ପ୍ରେମିକାକୁ ଠାବ କରିବା ତ ସହଜ ନୁହେଁ। ତେଣୁ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। 'ଘଡିଏ ବର୍ଷାକୁ ଚେନାଏ ଖରା, ଚାତୁରୀ ପ୍ରେମିକା ନ ଦିଏ ଧରା।' ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ**-ଲାଜରୁ କୁଆଡେ ପ୍ରେମର ସୃଷ୍ଟି ହୋଇଥାଏ। ତେବେ ଲାଜ କରୁଥିବା ସବୁ ସୁନ୍ଦରୀଙ୍କ ଚାହାଣୀରେ କ'ଣ ପ୍ରେମର ଝଲକ୍ ଲୁଚି ରହିଥାଏ ?

*-ପ୍ରଦୀପ ରାଉତ, ରାଉରକେଲା*

**ଉତ୍ତର:** କେତେକ ଝିଅ ପ୍ରେମର ପ୍ରଥମ ପାହାଚରେ ପାଦ ଦେଲା ବେଳେ ଲାଜ କରନ୍ତି। ସେହି ଲାଜରେ ଅନେକ କଥା ଲୁଚି ରହିଥାଏ। ବାସ୍, ମଗଜ ଖଟାଇ ତାହାକୁ ପଢ଼ି ପାରିଲେ ହେଲା। ସେହି ଲାଜୁଆ ଇସାରାରେ ହୁଏତ ଆପଣଙ୍କ ମନ ତା' ନିକଟରେ ବନ୍ଧା ପଡିଯାଇପାରେ। ଯଦି କୌଣସି ଝିଅର ଲାଜରୁ ଆପଣ ପ୍ରେମ ସମ୍ପର୍କରେ କିଛି ସୂଚନା ପାଉଛନ୍ତି, ତେବେ ବିଳମ୍ବ କରିବାର ଆବଶ୍ୟକତା ନାହିଁ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଚାନ୍ସଟା ହାତଛଡା ହୋଇଯାଇପାରେ।

**ପ୍ରଶ୍ନ**-ଯାହା ସହ ମୋ ମନ ପ୍ରଥମ ଥର ମିଶିଥିଲା, କେତେକ କାରଣରୁ ସେ ମୋତେ ଅଧା ବାଟରେ ଛାଡି ଚାଲିଗଲା। ଏବେ ମୁଁ ଆଉ ଜଣେ ଝିଅ ପ୍ରେମରେ ପଡିଯାଇଛି। ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। କ'ଣ କରିବି ?

*-ପୁଚୁନ୍, କଟକ*

**ଉତ୍ତର:** ଯାହାକୁ ପ୍ରଥମେ ନିଜର ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ସେହି ପ୍ରେମର ହଠାତ୍ ବୋଧହୁଏ ଦି'ଏଣ୍ଡ ହୋଇଯାଇଛି। ତା'ପରେ ଆପଣ ଆଉ ଜଣେ ନୂଆ ପ୍ରେମିକାକୁ ସାଥୀ କରିସାରିଲେଣି। ହେଲେ ପ୍ରଥମ ପ୍ରେମିକାକୁ ଭୁଲି ପାରୁ ନାହାନ୍ତି। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଏବେ ଯାହାକୁ ପ୍ରେମ କରୁଛନ୍ତି ଯଦି ତାହା ସହ ଆଗେଇବାକୁ ଚାହାନ୍ତି ତେବେ ପ୍ରଥମ ପ୍ରେମ ଆଉ ପ୍ରେମିକାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ତାହାର ଦଂଶନରେ ଆପଣ ସବୁବେଳେ ସନ୍ତୁଳିତ ହେଉଥିବେ।

**ପ୍ରଶ୍ନ**-ମୋ ମନ କଥା ଜଣେ ସୁନ୍ଦରୀକୁ କେମିତି କହିବି ଜାଣିପାରୁନାହିଁ। ମୁଁ ତାକୁ ସିନା କିଛି କହୁନି, ହେଲେ ସେ ମୋତେ ଦେଖିଲା ମାତ୍ରେ ହସି ଦେଉଛି। କ'ଣ କରିବି ?

*-ଅଭିଜିତ୍ ରାଉତ, ଅନୁଗୋଳ*

**ଉତ୍ତର:** ଏପରି ଚାନ୍ସ ପାଇବା ପରେ ଆପଣ କେମିତି କିଛି କରିପାରୁନାହାନ୍ତି ? ବୋଧହୁଏ କେବଳ ବସି ଭାବୁଛନ୍ତି। ଏପଟେ ଏମିତି ଆପଣ ଭାବୁଥିବେ, ହେଲେ ସେପଟେ ହୁଏତ ସେହି ସୁନ୍ଦରୀ ଆଉ କାହା ମନରେ ବସା ବାନ୍ଧି ସାରିବଣି। ତେଣୁ ବିଳମ୍ବ କରୁଛନ୍ତି କିଆଁ ? ବେଳକାଳ ଦେଖି ମନର କଥା ସେହି ସୁନ୍ଦରୀ ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା, ତେବେ ଆପଣଙ୍କର ପ୍ରେମ ମିଶନ ସକସେସ୍ ହେବାର ଚାନ୍ସ ଅଧିକ ରହିଛି। ତେଣୁ କେବଳ ଧାଡି ଦେଖି ଆଗକୁ ମାଡି ଚାଲନ୍ତୁ।

# ମୁଖାର ଗାଁ






କଳ୍ପତରୁ



**ଖୋ**ର୍ଦ୍ଧା ଜିଲାର ବେଗୁନିଆ ବ୍ଲକ ଅଧୀନ ବାଘମାରୀ ପାରମ୍ପରିକ କାଗଜ ଓ କାଠମୁଖା କଳାକୃତି ପାଇଁ ଜଣାଶୁଣା। ସମୟକ୍ରମେ ଏହି ପାରମ୍ପରିକ ହସ୍ତଶିଳ୍ପ ଲୋପ ପାଇଯାଉଥିବା ବେଳେ ମାତ୍ର ହାତଗଣତି କେତେଜଣ ଶିଳ୍ପୀ ଏହି ହସ୍ତଶିଳ୍ପ କାର୍ଯ୍ୟକୁ ବଞ୍ଚାଇବାର ପ୍ରୟାସ କରିଛନ୍ତି। ଦିନଥିଲା ନାନାପ୍ରକାର ପୌରାଣିକ ଲୀଳା ବିଷୟକୁ ନେଇ ଆଧାରିତ- ଲୀଳା, ସୁଆଙ୍ଗ ଓ ଗୀତିନାଟ୍ୟ ଆଦି ଅଭିନୟରେ କଳାକାରମାନେ ବିଶେଷକରି କେତେକ କାଳ୍ପନିକ ଚରିତ୍ର ପାଇଁ କାଠମୁଖାକୁ ବ୍ୟବହାର କରୁଥିଲେ। ସମୟକ୍ରମେ ଯଦିଓ ତାହା କମିଯାଇଛି, ହେଲେ ଆଜିକାଲି ଅନେକ ଶୋ'ରୁମ୍‌ର ସାଜସଜ୍ଜାରେ କାଠମୁଖା ସ୍ଥାନ ପାଉଛି। ଆଉ ଏହି କାଠମୁଖା ତିଆରି ପାଇଁ ଖୋର୍ଦ୍ଧା ବାଘମାରୀର ବେଶ୍ ନାଁ ରହିଛି। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ.ଜାତୀୟ ରାଜପଥର ବାଘମାରୀ ରାସ୍ତାପାର୍ଶ୍ୱରେ ରହିଛି ଏକ ହସ୍ତଶିଳ୍ପ କୁଟୀର। ଏଠାରେ ରାଜା, ଡଗର, ଜୀବଜନ୍ତୁ ଓ ପଶୁପକ୍ଷୀ ଆଦି ବିଭିନ୍ନ ଚରିତ୍ରଙ୍କ କାଳ୍ପନିକ କାଠମୁଖା ଦେଖିବାକୁ ମିଳେ। ଏହିସବୁ କାଠମୁଖାକୁ ରୂପ ଦେଇଛନ୍ତି ଜଣେ ଯୁବଶିଳ୍ପୀ। ସେ ହେଲେ ବାଘମାରୀ ବଡ଼ସାହିର ଶିଳ୍ପୀ **କଳ୍ପତରୁ ପଣ୍ଡା**। ସେ କୁହନ୍ତି, 'ସ୍କୁଲ ବୟସରୁ ବିଭିନ୍ନ ପଶୁପକ୍ଷୀ, ଗଛଲତା ଆଦି ପ୍ରାକୃତିକ ଦୃଶ୍ୟର ଚିତ୍ର ଅଙ୍କନ କରୁଥିଲି। ହସ୍ତଶିଳ୍ପ କଳା ପ୍ରତି ମନରେ ଅଧିକ ଆଗ୍ରହ ସୃଷ୍ଟି ହୋଇଥିଲା। ଏଥିଯୋଗୁ ଭୁବନେଶ୍ୱରରେ ହସ୍ତଶିଳ୍ପ କେନ୍ଦ୍ରରେ ୪ବର୍ଷିଆ କୋର୍ସ କଲି। ପରେ ବାଘମାରୀ ବଜାରରେ ଏକ ହସ୍ତକଳା କେନ୍ଦ୍ର ସ୍ଥାପନ କରି କାଠମୁଖାର ବିଭିନ୍ନ କଳାକୃତି ତିଆରି କରୁଛି। ଏଠାରେ ୫ଜଣ ପିଲା କାଠ ଓ ପଥର ଖୋଦେଇ ହସ୍ତଶିଳ୍ପର ତାଲିମ ନେଇ ବିଭିନ୍ନ ପ୍ରକାର କଳାକୃତିକୁ ତିଆରି କରିଥାନ୍ତି। ସେମାନେ ଏଥିରୁ ରୋଜଗାର ପାଇପାରୁଛନ୍ତି। ଯେତେବେଳେ ଦର୍ଶକ ଏଠାର ବିଭିନ୍ନ କାଠମୁଖା ଦେଖନ୍ତି ସେତେବେଳେ ଖୁବ୍ ଖୁସି ଲାଗେ। ପ୍ରତି କାଠମୁଖା ପଛରେ କିନ୍ତୁ କିଛି କାହାଣୀ ଥାଏ। ଆଜିକାଲି କେହିକେହି ଘରର ସୌଖୀନ ସାଜସଜ୍ଜା ରୂପେ ଏହି ପାରମ୍ପରିକ କଳାକୃତିକୁ ଘରକାନ୍ଥରେ ଝୁଲେଇଥାନ୍ତି। ବିଭିନ୍ନ ଶୋ'ରୁମ୍‌ରେ ମଧ୍ୟ ଏହି କାଠମୁଖାକୁ ସଜେଇ ରଖାଯାଉଥିବାର ଦେଖିବାକୁ ମିଳେ, କାଠମୁଖା ତିଆରି ପାଇଁ ପ୍ରଥମେ କେତେକ ନିର୍ଦ୍ଦିଷ୍ଟ ଗଛର କାଠ ଦରକାର ପଡ଼ିଥାଏ। ଯଥା-ଫାସି, ସିମୁଳି, ପାଳଧୁଆ ଓ ଦେବଦାରୁ ଆଦି ଗଛର କଞ୍ଚାକାଠ। ଏହି କାଠକୁ ସଂଗ୍ରହ କରି ଆବଶ୍ୟକ ମାପ ଅନୁସାରେ କାଠକୁ ସାଇଜକରି କଟାଯାଏ। ମୁଖା ତିଆରି ପୂର୍ବରୁ ସେହି କାଠରେ ଚିତ୍ରକୁ ଅଙ୍କନ କରାଯାଏ। ତା'ପରେ ନିହାଣରେ କଞ୍ଚାକାଠକୁ ଖୋଦନ କରାଯାଇଥାଏ। ମୁଖା ତିଆରି ହୋଇଗଲା ପରେ ସେହି ମୁଖାକୁ କିଛିଦିନ ଛାଇରେ ଶୁଖାଯାଏ। ତା' ପରେ ତେନ୍ତୁଳି(କୟାଁ )ଅଠା ଲେସାଯାଏ। ପରେ ସେହି ଅଠା ଉପରେ ଓଦା କପଡ଼ାକୁ ପକାଯାଇଥାଏ। ଏହାପରେ ତାହାକୁ ଛାଇରେ ଶୁଖାଯାଇ ତା'ଉପରେ ଚୂନଖଡ଼ି ବୋଳାଯାଏ। ଏହା ଶୁଖିଗଲା ପରେ ସେଥିରେ ବିଭିନ୍ନ ପାରମ୍ପରିକ ରଙ୍ଗ ଦେଇ ରଙ୍ଗିନ କରାଯାଇଥାଏ।


ସେହିପରି ବାଘମାରୀ, ତଳ ସାହିର **ଶିଳ୍ପୀ ଜଗନ ସେଠୀ** କୁହନ୍ତି, 'ମୁଁ ପ୍ରଥମେ ପଥର କାମ ଶିଖୁଥିଲି। କିନ୍ତୁ ଏହି ଅଞ୍ଚଳରେ କଳାକାରିଗରି ପାଇଁ ଆବଶ୍ୟକ ପଡୁଥିବା ପଥର ସୁବିଧାରେ ମିଳୁ ନ ଥିବାରୁ ୩ ବର୍ଷ ହେଲା କଳ୍ପତରୁ ସାର୍‌ଙ୍କ ପାଖରେ କାଠଖୋଦେଇ ହସ୍ତଶିଳ୍ପ ତାଲିମ ନେଲି। ଏବେ ମୁଁ ବିଭିନ୍ନ କାଠମୁଖା ତିଆରି କରିପାରୁଛି। ପଥର ହସ୍ତଶିଳ୍ପ ପରି କାଠଖୋଦେଇ ଆମ ରାଜ୍ୟର ଏକ ପୁରାତନ ହସ୍ତଶିଳ୍ପ କଳା। ଏହାକୁ ତିଆରି କରି ମୁଁ ମୋ ପରିବାର ଚଳାଉଛି। କାଠମୁଖାର ସାଇଜ ଓ ଗଠନକୁ ନେଇ ଭିନ୍ନଭିନ୍ନ ମୂଲ୍ୟରେ ବିକ୍ରି କରାଯାଇଥାଏ। ସାଧାରଣତଃ ଗୋଟିଏ କାଠମୁଖାର ଦାମ୍ ସାଇଜ ଅନୁସାରେ ପ୍ରାୟ ୩୦୦ ଟଙ୍କାରୁ ଆରମ୍ଭକରି ୧୫ହଜାର ଟଙ୍କାରେ ବିକ୍ରି କରାଯାଇଥାଏ। ଜଣେ କାରିଗର କାଠମୁଖା ତିଆରିକରି ମାସକୁ ପ୍ରାୟ ୧୫ରୁ ୨୦ହଜାର ଟଙ୍କା ରୋଜଗାର କରିପାରିବେ। ଏହି କାଠମୁଖା ତିଆରି ପାଇଁ ବାଘମାରୀ ଅଞ୍ଚଳର ଭିନ୍ନ ପରିଚୟ ରହିଛି। ଆମ ଅଞ୍ଚଳର ପ୍ରମୋଦ କୁମାର ପଣ୍ଡା, ଆଶିଷ କୁମାର ମହାରଣା, ବିଭୁଦତ୍ତ ଦାସ, ଉମାକାନ୍ତ ଦେଉରୀ ପ୍ରମୁଖ ଏହି ମୁଖା କାରିଗରି କାମ କରିଥାନ୍ତି।


ରଶ୍ମିରଞ୍ଜନ


ଜଗନ

**ଏଇଠି ହୁଏ କାଗଜ ମୁଖା:** କାଠମୁଖା ଅଧିକ ଓଜନ ହେଉଥିବାରୁ ଏବେ ଶିଳ୍ପୀମାନେ କାଠ ପରିବର୍ତ୍ତେ କାଗଜକୁ ବ୍ୟବହାର କରି ସୁନ୍ଦରସୁନ୍ଦର କାଗଜମୁଖା ତିଆରି କରୁଛନ୍ତି। କାଗଜମୁଖା ପାଇଁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଦୁର୍ଗାପୁର ଗ୍ରାମପଞ୍ଚାୟତର କରଡ଼ଗାଡ଼ିଆ ଗାଁର ନାଁ ରହିଛି। କରଡ଼ଗାଡ଼ିଆ ଗାଁର ଉପରସାହିକୁ ପ୍ରବେଶ କରିବା ପରେ ପ୍ରଥମେ ମା' ଭୁଆଶୁଣି ଦେବୀ ମନ୍ଦିର ନଜର ପଡ଼ିବ। ସାହିରେ ଥିବା ଘର ଦୁଆର ପିଣ୍ଡାରେ ବିଭିନ୍ନ ପ୍ରକାରର କାଗଜମୁଖା ଶୁଖାଯାଇଥିବା ଦେଖିବାକୁ ମିଳେ। ସ୍ଥାନୀୟ **ରଶ୍ମିରଞ୍ଜନ ମହାପାତ୍ର** କୁହନ୍ତି, 'ରାଜ୍ୟ ହସ୍ତକଳା ବିକାଶ ଅନୁଷ୍ଠାନରୁ ପଟ୍ଟଚିତ୍ର ପେଣ୍ଟିଂରେ ମାଷ୍ଟର ଡିଗ୍ରୀ ହାସଲ କରିଛି। କଳିଙ୍ଗ କଲେଜ ଅଫ୍ ଆର୍ଟରେ ଭିଜୁଆଲ ଆର୍ଟ ପଢା ସହିତ ଅନେକ ସ୍ଥାନରେ କାଗଜମୁଖା ଓ ପଟ୍ଟଚିତ୍ର ତିଆରି କରିଥାଏ। ଆମ ଗାଁର ଦିବାକର ମହାପାତ୍ର, ନାରାୟଣ ମହାପାତ୍ର, ଚରଣ ମହାପାତ୍ର ଓ ନିଶାମଣି ମହାପାତ୍ର ପ୍ରମୁଖ ଏହି କାଗଜମୁଖା ତିଆରି କାମ କରିଥାନ୍ତି। ଏହି ଗାଁର ୬ଟି ପରିବାର କାଗଜମୁଖା ତିଆରି କରିଥାନ୍ତି। ଗୋଟିଏ ଗୋଟିଏ କାଗଜମୁଖାର ମୂଲ୍ୟ ପ୍ରାୟ ତିନିଶହରୁ ଆରମ୍ଭ କରି ୭ଶହ ଟଙ୍କା ଯାଏ ବିକ୍ରି ହୋଇଥାଏ। ଏହାବାଦ କାଗଜମୁଖାର ବିଭିନ୍ନ ସାଇଜକୁ ନେଇ ବି ମୂଲ୍ୟ ଅଲଗା ହୋଇଥାଏ।

-ବନବିହାରୀ





ସୁଜାତା

## ହାଃ ହାଃ

### ଛୋଟ

ସେଲୁନ୍ ବାଲାକୁ ରାଜେଶ– ଆରେ ଭାଇ ଚୁଟିକୁ ଛୋଟ କରିଦିଅ।
ସେଲୁନ୍ ବାଲା–କେତେ ?
ରାଜେଶ– ଏତେ ଛୋଟ କରିଦିଅ ଯେମିତିକି ମୋ ସ୍ତ୍ରୀ ତାକୁ ଧରିପାରିବନି।

### ମିସ୍ତ୍ରୀ

ଶିକ୍ଷକ ଗୋପୀକୁ: ଶାହଜାହାନ କିଏ ଥିଲେ ?
ଗୋପୀ: ସାର୍, ଶାହଜାହାନ ଜଣେ ମିସ୍ତ୍ରୀ ଥିଲେ।
ଶିକ୍ଷକ: ମୁର୍ଖ କୋଉଠିକାର। ତତେ କିଏ କହିଲା ସେ ମିସ୍ତ୍ରୀ ଥିଲେ ବୋଲି ?
ଗୋପୀ: ଆପଣ ହିଁ ତ କହିଥିଲେ।
ଶିକ୍ଷକ: ମୁଁ କେବେ କହିଲି ?
ଗୋପୀ: ଆପଣ ପରା କହିଥିଲେ ଶାହଜାହାନ ତାଜମହଲ ତିଆରି କରିଥିଲେ।

### ବଡ଼ ସାନ


ବିଲେଇ ହାତୀକୁ: ତୋ' ବୟସ କେତେ ?
ହାତୀ: ୩ ବର୍ଷ ବୟସ
ବିଲେଇ: ହେଲେ ତୁ ତ କେତେ ବଡ଼ ଦେଖାଯାଉଛୁ।
ହାତୀ: ହଁ, ମୁଁ ପରା କମ୍ପ୍ଲାନ୍ ବଏ।
ତେବେ ତୋ ବୟସ କେତେ ?
ବିଲେଇ: ୧୫ ବର୍ଷ ବୟସ।
ହାତୀ: ହେଲେ ତୁ ଏତେ ଛୋଟ ଦେଖା ଯାଉଛୁ ଯେ ?
ବିଲେଇ : ମୁଁ ଝଣ୍ଡୁ କେଶରୀ ଗର୍ଲ। ବଢତି ଉର୍ମ ମାନୋ ଥମ୍‌ସି ଯାଏ..।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ **ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ପ୍ରସିଦ୍ଧ ଚା’ ବଗିଚା





**ଚା’ର ବାସ୍ନା ମନରେ ସତେଜତା ଆଣେ। ସେଥିପାଇଁ ତ ଚା’ ପ୍ରିୟ ବ୍ୟକ୍ତିମାନେ ଟିକେ ଫୁରସତ୍ ପାଇଲେ ଚା’ ପିଇବାକୁ ମନ ବଳାଇଥାନ୍ତି। ସେମାନଙ୍କର ଭିନ୍ନ ଭିନ୍ନ ସ୍ୱାଦର ଚା’ ପିଇବା ଖୁବ୍ ପସନ୍ଦ। ଏମିତି ବି କିଛି ଚା’ପ୍ରିୟ ଲୋକ ଥାନ୍ତି, ଯେଉଁମାନେ ଚା’ ଉତ୍ପାଦନ ହେଉଥିବା ଭିନ୍ନ ଭିନ୍ନ ସ୍ଥାନକୁ ଯାଇ ଚା’ ପତ୍ର କିଣିକି ଆଣିଥାନ୍ତି। ଯାହାକୁ ନଜରରେ ରଖି ଏଠାରେ ଭାରତର କେତୋଟି ପ୍ରମୁଖ ଚା’ ବଗିଚା ସମ୍ପର୍କରେ ଉଲ୍ଲେଖ କରାଗଲା ; ଯାହାର ଆକର୍ଷଣୀୟ ପରିବେଶକୁ ଉପଭୋଗ କରିବାକୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଧାଇଁ ଆସିଥାନ୍ତି...**

*** ନୀଳଗିରି ଚା’ ବଗିଚା:** ତାମିଲନାଡୁରେ ଅବସ୍ଥିତ ନୀଳଗିରି ପାହାଡ ଉପରେ ଆଜକୁ ପ୍ରାୟ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଯେଉଁ ଚା’ ବଗିଚା ଗଢିଉଠିଛି ; ତା’ର ଆକର୍ଷଣ ଅତ୍ୟନ୍ତ ମନଲୋଭା। ଏଠାରେ ଯେଉଁ ଚା’ ଚାଷ କରାଯାଏ, ତାହାର ସ୍ୱାଦ ଓ ମହକ ପାଇଁ ଏହା ସାରା ଭାରତରେ ପ୍ରସିଦ୍ଧି ଲାଭ କରିପାରିଛି। ଏଠାରେ ବିଭିନ୍ନ କିସମର ଚା’ ଚାଷ କରାଯାଇଥାଏ ; ତନ୍ମଧ୍ୟରୁ ବ୍ଲାକ ଟି, ଗ୍ରୀନ୍ ଟି, ହ୍ୱାଇଟ୍ ଟି ଏବଂ ଓଲୋଙ୍ଗ ନାମକ ଏକ ସ୍ୱତନ୍ତ୍ର ଧରଣ ଚା’ର ବେଶ୍ ଚାହିଦା ରହୁଥିବା ଦେଖିବାକୁ ମିଳିଥାଏ। ଚା’ପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଉପଯୁକ୍ତ ଡେଷ୍ଟିନେଶନ ହୋଇଥାଏ।

*** କାନନ୍ ଦେଭନ୍ ଚା’ ବଗିଚା :** କେରଳର ଇଡୁକ୍କି ଜିଲା ଅନ୍ତର୍ଗତ କାନନ୍ ଦେଭନ୍ ନାମକ ଏକ ପାର୍ବତ୍ୟାଞ୍ଚଳରେ ମଧ୍ୟ ଭଲ ଚା’ ଚାଷ କରାଯାଉଥିବାର ସୂଚନା ରହିଛି। ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଏଠାରେ ଅନେକ ଚା’ ବଗିଚା ଦେଖିବା ସହ ସ୍ଥାନୀୟ ଅଞ୍ଚଳର ଅପୂର୍ବ ପ୍ରାକୃତିକ ଦୃଶ୍ୟକୁ ମଧ୍ୟ ମନଭରି ଉପଭୋଗ କରିପାରିବେ। ଏଠାରେ ଥିବା କାନନ୍ ଦେଭନ୍ ହିଲ୍ସ ପ୍ଲାଣ୍ଟେସନ୍ କମ୍ପାନୀ ବୁଲିଯିବାର ସୁଯୋଗ ବି ପର୍ଯ୍ୟଟକ ନେଇପାରିବେ ; ଯେଉଁଠାରେ ଚା’, କଫି ଏବଂ ବିଭିନ୍ନ ପ୍ରକାରର ମସଲା ଦ୍ରବ୍ୟ ପ୍ରସ୍ତୁତ କରାଯାଉଥିବାର ନିଆରା ଅନୁଭୂତି ମଧ୍ୟ ସାଉଁଟିପାରିବେ।

*** ମୁନ୍ନାର ଚା’ ବଗିଚା:** କେରଳର ମୁନ୍ନାରଠାରେ ବି ଅନେକ ଚା’ ବଗିଚା ଥିବାର ଦେଖିବାକୁ ମିଳେ। ପର୍ଯ୍ୟଟକ ଏଠାରେ ଚା’ ବଗିଚା ବୁଲିବା ସହିତ ଏଠାରୁ ତାଜା ତାଜା ଚା’ ପତ୍ର ବି କିଣି ଆଣିପାରିବେ। ତା’ସାଙ୍ଗକୁ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ ବି କରିପାରିବେ। କେବଳ ସେତିକି ନୁହେଁ, ଏଠାରେ ଅନେକ ଫ୍ୟାକ୍ଟ୍ରି ବି ରହିଛି ; ଯେଉଁଠିକୁ ଟିକେଟ୍ କାଟିକି ଯାଇ ଚା’ କେମିତି ପ୍ରସ୍ତୁତ କରାଯାଏ ତା’ର ସବିଶେଷ ବିବରଣୀ ପାଇପାରିବେ। ଏଥିସହିତ ଏଠାରେ ଏକ ଆଉଟ୍‌ଲେଟ୍ ବି ଅଛି ; ଯେଉଁଠାରୁ ପର୍ଯ୍ୟଟକ ବେଶ୍ ସୁଲଭ ଦରରେ ଚା’ ଏବଂ ବିଭିନ୍ନ ପ୍ରକାରର ମସଲା ଦ୍ରବ୍ୟ ମଧ୍ୟ କିଣିପାରିବେ।

*** ଜୋରହାଟ୍ ଚା’ ବଗିଚା :** ଆସାମର ବିଭିନ୍ନ ସ୍ଥାନରେ ବି ଚାଷ କରାଯାଇଥାଏ। ମୁଖ୍ୟତଃ ଏଠାକାର ଜୋରହାଟ୍‌ରେ ହେଉଥିବା ଚା’ ଚାଷ ସବୁଠାରୁ ଖାସ୍ ଆଉ ପ୍ରସିଦ୍ଧ ହୋଇଥାଏ। ଜୋରହାଟ୍‌କୁ ଅନେକ ଚା’ ପ୍ରେମୀଙ୍କ ସ୍ୱର୍ଗ ବୋଲି ବି କହିଥାନ୍ତି। ଏଠାରେ କୁଆଡ଼େ ପ୍ରତିବର୍ଷ ସ୍ୱତନ୍ତ୍ର ଚା’ ଉତ୍ସବର ଆୟୋଜନ କରାଯାଇଥାଏ ; ଯାହାକୁ ଦେଖିବାକୁ ଦେଶ ବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି।

*** ଦାର୍ଜିଲିଂ :** ଏଠାରେ ବି ଅନେକ ଚା’ ବଗିଚା ଥିବାର ଦେଖିବାକୁ ମିଳେ। ଏଠାକାର ଚା’ର ଯେଉଁ ମହକ ଆଉ ସ୍ୱାଦ ରହିଛି, ତାହାର ଆକଳନ କରିବା ଏତେ ସହଜ କଥା ନୁହେଁ। ଖାସ୍ ସେଥିପାଇଁ ତ ଦାର୍ଜିଲିଂ ଚା’ର କେବଳ ଦେଶ ଭିତରେ କାହିଁକି ବିଦେଶରେ ବି ବେଶ୍ ନାଁ ରହିଛି। ସେହି ଅନୁଯାୟୀ, ଏହାର ବିକ୍ରି ପରିମାଣ ବି ଯଥେଷ୍ଟ ଅଧିକ ରହିଥାଏ। ଚା’ପ୍ରିୟ ପର୍ଯ୍ୟଟକ ଚାହିଁଲେ ଦାର୍ଜିଲିଂ ବୁଲିଯାଇ ଚା’ ଚାଷର ଅପୂର୍ବ ଦୃଶ୍ୟକୁ ମନଭରି ଉପଭୋଗ କରିବା ସହ ଏଠାରୁ ବେଶ୍ ସୁଲଭ ମୂଲ୍ୟରେ ଉତ୍ତମ କ୍ୱାଲିଟିର ଚା’ କିଣି ଆଣିପାରିବେ।

ଏହିସବୁ ସ୍ଥାନ ଛଡ଼ା ଭାରତରେ ଆହୁରି ଅନେକ ଜାଗାରେ ବି ବେଶ୍ ଭଲ ଚା’ ଚାଷ କରାଯାଇଥାଏ ; ଯାହା ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ଦେବ।











# ଲାଲ ଓ ନୀଳ ରଙ୍ଗର କୋଚ୍ ଭିତରେ ଫରକ




ଟ୍ରେନ୍‌ରେ ଯଦି ସବୁଦିନ ଯାତ୍ରା କରୁଛନ୍ତି ତେବେ ନିଶ୍ଚୟ ଲକ୍ଷ୍ୟ କରିଥିବେ ଯେ, ଲାଲ ଓ ନୀଳ ରଙ୍ଗ ଦୁଇପ୍ରକାରର ଟ୍ରେନ୍ ଥାଏ । ହେଲେ କେବେ ଭାବିଛନ୍ତି କି ଏହି ଦୁଇ ରଙ୍ଗର ଟ୍ରେନ୍ ଭିତରେ ଫରକ କ'ଣ ? ଏଥର ଜାଣନ୍ତୁ ସେ ସମ୍ପର୍କରେ..

ଭାରତରେ ରେଳପଥ ହେଉଛି ଗମନାଗମନର ପ୍ରମୁଖ ମାଧ୍ୟମ । ପ୍ରତିଦିନ ଲକ୍ଷ ଲକ୍ଷ ଯାତ୍ରୀ ଏଥିରେ ଯାତାୟାତ କରନ୍ତି । ତେଣୁ ପ୍ରାୟ ସମସ୍ତେ ଦେଖିଥିବେ କେଉଁ ଟ୍ରେନ୍‌ର କୋଚ୍ ଲାଲ ତ କେଉଁ ଟ୍ରେନ୍‌ର କୋଚ୍ ନୀଳ ରଙ୍ଗର ହୋଇଥାଏ । ଆଉ ଏହି ଦୁଇ ରଙ୍ଗ ହିଁ କୋଚ୍ ଭିତରର ଫରକକୁ ଦର୍ଶାଏ । ପ୍ରକୃତରେ କୋଚ୍ ଦୁଇ ପ୍ରକାର । ଟ୍ରେନ୍‌ର ନୀଳ ରଙ୍ଗର କୋଚ୍‌କୁ 'ଆଇସିଏଫ୍' ଅର୍ଥାତ୍ 'ଇଣ୍ଟେଗ୍ରାଲ କୋଚ୍ ଫ୍ୟାକ୍ଟ୍ରି' କୁହାଯାଏ । ଆଉ ଲାଲ ରଙ୍ଗର କୋଚ୍‌କୁ 'ଏଲ୍ଏଚ୍‌ବି' ଅର୍ଥାତ୍ 'ଲିଙ୍କ ହଫମ୍ୟାନ୍ ବୁଶ' କୁହାଯାଏ । ଏହି ଦୁଇ କୋଚ୍‌ରେ କେବଳ ରଙ୍ଗର ଫରକ ନ ଥାଏ । ବରଂ ଉଭୟ କୋଚ୍ ପରସ୍ପରଠାରୁ ବହୁତ ଭିନ୍ନ ମଧ୍ୟ ।

**ଇଣ୍ଟେଗ୍ରାଲ କୋଚ୍ ଫ୍ୟାକ୍ଟ୍ରି:** ନୀଳରଙ୍ଗର ଏହି କୋଚ୍‌ର କାରଖାନା ତାମିଲନାଡୁର ଚେନ୍ନାଇରେ ଅଛି । ଯାହାର ସ୍ଥାପନା ୧୯୫୨ ମସିହାରେ ହୋଇଥିଲା । ସେବେଠାରୁ ହିଁ ଏଠାରେ ଏହି କୋଚ୍ ନିର୍ମାଣ କରାଯାଉଛି । ଏହି ନୀଳରଙ୍ଗର କୋଚ୍ ଲୁହାରେ ତିଆରି । ଏଥିରେ ଏୟାର ବ୍ରେକ୍ ବ୍ୟବହାର ହୋଇଥାଏ ।  ଏହି କୋଚ୍‌ର ମାକ୍ସିମମ୍ ପର୍ମିସେବଲ୍ ଗତି ଘଣ୍ଟା ପ୍ରତି ୧୧୦ କି.ମି. ହୋଇଥାଏ । ଏହି କୋଚ୍‌ରେ ସ୍ଲିପର୍ କ୍ଲାସ୍‌ରେ ୭୨ ସିଟ୍ ଥାଏ । ଆଉ ତୃତୀୟ କ୍ଲାସ୍ ଏସିରେ ୬୪ଟି ସିଟ୍ ଥାଏ । ଆଇସିଏଫ୍ କୋଚ୍‌କୁ ୧୮ ମାସରେ ଥରେ ପିରିୟଡିକ ଓଭରହଲିଂର ଆବଶ୍ୟକତା ପଡ଼େ । ତେଣୁ କୋଚ୍‌ର ରକ୍ଷଣାବେକ୍ଷଣରେ ବହୁତ ଖର୍ଚ୍ଚ ହୁଏ । ଏହି କୋଚ୍ ପରସ୍ପର ସହ ଡୁଆଲ ବଫର୍ ସିଷ୍ଟମ ଦ୍ୱାରା ଯୋଡି ହୋଇଥାଏ । ତେଣୁ ଦୁର୍ଘଟଣା ସମୟରେ ଏହି କୋଚ୍‌ରେ ବିପଦ ଥାଏ କି ଏହା ଗୋଟାକ ଉପରେ ଗୋଟେ ଚଢି ଯାଇପାରେ ।

**ଲିଙ୍କ ହଫମ୍ୟାନ୍ ବୁଶ:** ଲିଙ୍କ ହଫମ୍ୟାନ୍ ବୁଶ୍‌ର କୋଚ୍‌କୁ ୨୦୦୦ ମସିହାରେ ଜର୍ମାନୀରୁ ଭାରତ ଅଣାଯାଇଥିଲା । ଏହି କୋଚ୍ ତିଆରି କରିବା ଫ୍ୟାକ୍ଟ୍ରି ପଞ୍ଜାବର କପୁରଥାଲାରେ ଅଛି । ଏହି କୋଚ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ତିଆରି ଓ ଏଥିରେ ଡିସ୍କ ବ୍ରେକ୍‌ର ବ୍ୟବହାର କରାଯାଏ । ଏହି କୋଚ୍‌ରେ ସେଣ୍ଟର ବଫର୍ କାଉଲିଂ ସିଷ୍ଟମ ଲାଗିଥାଏ । ଫଳରେ ଦୁର୍ଘଟଣା ସମୟରେ କୋଚ୍‌ଗୁଡିକ ଗୋଟାକ ଉପରେ ଗୋଟେ ଚଢି ନ ଥାଏ । ଏହି କୋଚଗୁଡ଼ିକୁ ୨୪ ମାସରେ ଥରେ ଓଭରହଲିଂର ଆବଶ୍ୟକତା ପଡ଼ିଥାଏ । ଫଳରେ ଏହାର ରକ୍ଷଣାବେକ୍ଷଣରେ କମ୍ ଖର୍ଚ୍ଚ ହୋଇଥାଏ । ଏହି କୋଚ୍‌ଗୁଡ଼ିକର ମାକ୍ସିମମ୍ ପର୍ମିସିବଲ୍ ସ୍ପିଡ ଘଣ୍ଟା ପ୍ରତି ୨୦୦ କି.ମି. ଓ ଅପରେଶନାଲ ସ୍ପିଡ ଘଣ୍ଟା ପ୍ରତି ୧୬୦ କି.ମି. । ଏହି କୋଚ୍‌ର ସ୍ଲିପର୍ କ୍ଲାସ୍‌ରେ ୮୦ ସିଟ୍ ଥାଏ । ତୃତୀୟ କ୍ଲାସ୍ ଏସିରେ ୭୨ ସିଟ୍ ଥାଏ ।

ଏଥିରୁ ଜାଣିପାରୁଥିବେ ଯେ, ଲିଙ୍କ୍ ହଫମ୍ୟାନ ବୁଶ କୋଚ୍ ଇଣ୍ଟେଗ୍ରାଲ କୋଚ୍ ଫ୍ୟାକ୍ଟ୍ରିଠାରୁ ଉନ୍ନତମାନର । ତା'ସହ ଏଲ୍ଏଚ୍‌ବି କୋଚ୍, ଆଇସିଏଫ୍ କୋଚ୍‌ଠାରୁ ୧.୭ ମିଟର ଅଧିକ ଲମ୍ୱା । ସେଥିପାଇଁ ଏଥିରେ ବସିବା ପାଇଁ ଜାଗା ଅଧିକ ଥାଏ । ଲାଲ ରଙ୍ଗର ଏଲ୍ଏଚ୍‌ବି କୋଚ୍‌ର ସ୍ପିଡ ବି ଅଧିକ । ଏହା ଷ୍ଟେନ୍‌ଲେସ୍ ଷ୍ଟିଲରେ ତିଆରି ହୋଇଥାଏ । ତେଣୁ ଏହାର ଓଜନ କମ୍ ହୋଇଥାଏ । ତା'ସହ ଦୁର୍ଘଟଣା ସମୟରେ ଲାଲରଙ୍ଗର କୋଚ୍ ନୀଳରଙ୍ଗର କୋଚ୍‌ଠାରୁ ଅଧିକ ସୁରକ୍ଷିତ ହୋଇଥାଏ ।




# ଚମତ୍କାର ବାଲାନ୍ସ

ଫୁଟବଲ୍ ଖେଳାଳିଙ୍କର ମୁଣ୍ଡରେ ବଲକୁ ବାଉନ୍ସ କରିବା ଏକ ସାଧାରଣ କଥା ହୋଇପାରେ । ତେବେ ଆଲବେନିଆର ଆଗିମ ଆକୁଶି ନାମକ ଜଣେ ଫୁଟବଲ ଖେଳାଳିଙ୍କର ବଲ୍ ଉପରେ ଏତେ ଚମତ୍କାରଭାବେ ନିୟନ୍ତ୍ରଣ ଅଛି, ଯାହାକୁ ନିଜ ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନି। ଆଗିମ ନିଜ ମୁଣ୍ଡରେ ଲଗାତର ବଲ୍‌କୁ ବାଉନ୍ସ  କରିବା ସହ ପିନ୍ଧିଥିବା ଟି-ଶାର୍ଟକୁ ଖୋଲି ପାରନ୍ତି । ଏହାକୁ ନେଇ ସେ ରେକର୍ଡ ବି କରିଛନ୍ତି । ମୁଣ୍ଡରେ ବଲ୍ ବାଉନ୍ସ କରି ସେ ସର୍ବାଧିକ ଟି-ଶାର୍ଟ ଖୋଲି ଏହି ରେକର୍ଡ କରିଛନ୍ତି । ପ୍ରଥମ ଥର ସେ ୮ଟି ଟି-ଶାର୍ଟ ଖୋଲି ରେକର୍ଡ କରିଥିଲେ । ଏହାପରେ ୨୦୨୧, ମେ ୬ ତାରିଖରେ ସେ ୮ରୁ ବହୁତ ଅଧିକ, ଅବିଶ୍ୱସନୀୟଭାବେ ୧୬୪ଟି ଟି-ଶାର୍ଟ ଖୋଲି ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ନୂଆ ରେକର୍ଡ ସୃଷ୍ଟି କଲେ । ତେବେ ଏଥିପାଇଁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡ଼ିନି । ବର୍ଷ ବର୍ଷର ଝାଳବୁହା ପରିଶ୍ରମ ପରେ ଯାଇ ଏଭଳି ରେକର୍ଡ କରିବାରେ ସେ ସଫଳ ହୋଇପାରିଲେ ।





# କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ପାଞ୍ଚ ପଣ୍ଡିତ

ମୋ ଜାଣିବାରେ ଯିଏ ବକ ବକ ହୋଇ ତାଙ୍କ କଥା କୁହନ୍ତି, ସିଏ ବକ୍ତା। ଯେଉଁମାନେ ଶୁଁ ଶୁଁ ହୋଇ ତାଙ୍କ କଥା ଶୁଣନ୍ତି, ସେମାନେ ଶ୍ରୋତା । ଆଉ ଯେଉଁଠି ଏମାନଙ୍କ ମନକୁ ଉଚ୍ଚରେ ଯୋଡ଼ାଯାଏ, ସେଇଟା ମଞ୍ଚ । ଏଇଭଳି ମଞ୍ଚ ବିଶେଷ କାର୍ଯ୍ୟକ୍ରମ ଉପଲକ୍ଷେ ହୁଏ ଆୟୋଜିତ । କେହି ନିଜର ମାନ-ସମ୍ମାନ-ଯଶ ପାଇଁ କରାନ୍ତି ତ କିଏ ନିଃସ୍ୱାର୍ଥ ଭାବରେ ହାତରୁ ଖର୍ଚ୍ଚକରି ଆଉ କାହାର ମାନ ସମ୍ମାନ ବୃଦ୍ଧି କରିବାକୁ ମଞ୍ଚ ତିଆରି କରନ୍ତି। ଅନେକ ଜ୍ଞାନୀ ଗୁଣୀଙ୍କୁ ନିମନ୍ତ୍ରଣ କରି ମଞ୍ଚରେ ବସାଇ, ତାଙ୍କ କଥା ଶ୍ରୋତାଙ୍କୁ ଶୁଣାଇ ସମାଜକୁ ସୁଧାରିବାକୁ ଚେଷ୍ଟାକରନ୍ତି ତ କେହି ମନୋରଞ୍ଜନ କରାନ୍ତି। ଗୋଖର ସ୍ୱାଇଁ ଭଳି ଏମିତି କିଛି ଅତି ପଣ୍ଡିତ ଅଛନ୍ତି, ଯେଉଁମାନେ ନିଜ ବଡ଼ ପଣିଆ ବାହାଦୁରି ଦେଖାଇ ଆପଣା ସମ୍ମାନ ବଢ଼ାଇବାକୁ ମଞ୍ଚ ମଣ୍ଡନ କରିବା ପାଇଁ ହ୍ୟାଳି ହୁଅନ୍ତି । ନିଜ ଢୋଲ ନିଜେ ବଜାଇବାର ଓର ଉଣ୍ଡୁଥାନ୍ତି। ଯଦି କେଉଁ ମଞ୍ଚ ଆୟୋଜକ ଏମାନଙ୍କୁ ଅଯୋଗ୍ୟ ବିଚାରି ମଞ୍ଚରେ ନ ବସାନ୍ତି ତେବେ ଏଇ ପଣ୍ଡିତେ ଆୟୋଜନକାରିଙ୍କ ଚଉଦ ପୁରୁଷ ଶୁଦ୍ଧ ଓଡ଼ିଆ ଶବ୍ଦରେ ଉଖାଳି ଦିଅନ୍ତି। ଏଭଳି ଲୋକଙ୍କୁ ଡାକିଲେ ମଲ, ନ ଡାକିଲେ ବି ମଲ। ବେଳେବେଳେ ଏଇ ଦୁର୍ଲଭ ମାଇକ୍ ରଙ୍କା ଅତି ଜ୍ଞାନୀର ପରିଚୟ ଦେଇ ଏମିତି ରଡ଼ି ଛାଡ଼ି ଗଗନ ପବନ କମ୍ପାଇ ଚାଲନ୍ତି ଯେ, ଶ୍ରୋତା ଶୁଣିଶୁଣି ତାଙ୍କ କାନ ସିନା ବଥାଉଥାଏ, ମାତ୍ର ଏମାନଙ୍କ ତୁଣ୍ଡମୁଣ୍ଡ ଥକିପଡ଼େ ନାହିଁ। ଅଧିକାଂଶ ପଣ୍ଡିତ ଆଳୁ ସଭାରେ ବାଇଗଣ ଚରିତ୍ର ବଖାଣି ସୁଦୀର୍ଘ ଭାଷଣ ଦେଇପାରନ୍ତି। ଛାତ୍ରଙ୍କ ସଭାରେ ବେପାରୀଙ୍କ କାହାଣୀ ଶୁଣାନ୍ତି । ସାହିତ୍ୟ ମଞ୍ଚରେ କ୍ରୀଡ଼ାର ଉପାଦେୟତା ବିଷୟରେ ଭଲ ଚର୍ଚ୍ଚା କରୁ କରୁ ସମୟ ଅଧାରୁ ଅଧିକ ସାରିଦେଇ, ସମୟର ମୂଲ୍ୟ କ'ଣ ଓ ତା' ର ସଦୁପଯୋଗ କିପରି କରିବାକୁ ହୁଏ ସାରଗର୍ଭକ ବକ୍ତୃତା ଦିଅନ୍ତି । ଶ୍ରୋତାଗଣ ଚାଲିଯିବା ପରେ ମଧ ତାଙ୍କ ଶୂନ୍ୟ ଚୌକି ଆସନଗୁଡ଼ିକ ଭାଷଣ ଶୁଣିବାରୁ ବଞ୍ଚିତ ହୁଅନ୍ତି ନାହିଁ । ଏଇ ଅତି ପଣ୍ଡିତେ ମଞ୍ଚ ଓ ମାଇକ୍ ଥରେ ପାଇଗଲେ, ଆଉ ଛାଡ଼ିବାକୁ ଚାହାନ୍ତି ନାହିଁ । ତାଙ୍କ ଗର୍ଭଭର୍ତ୍ତି ଜ୍ଞାନକୁ ନିର୍ଲୋଭରେ ବଣ୍ଟନ କରୁଥାନ୍ତି।

ଏବେ ନଗଦରେ ଗଣେଶପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀପୂଜା ପରେ କାଳୀ ମା'ଙ୍କ ପୂଜା ସରିଛି । ବିଭିନ୍ନ ମଞ୍ଚରେ ଭିନ୍ନ ଭିନ୍ନ ପ୍ରକାରିଆ ଦେଶୀ-ବିଦେଶୀ ନାଚ-ଗୀତ ଶୁଣି ଶୁଣି ଆଉ ଗୋଟାଏ ଯୁବଗୋଷ୍ଠୀ ଭିନ୍ନ ପ୍ରକାରେ ମନୋରଞ୍ଜନ କରିବାକୁ ମନସ୍ଥ କଲେ ଏହି ଗଲା ପୂଜା ମଞ୍ଚରେ। ତେଣୁ ଅନୁଷ୍ଠାନର ମୁଖ୍ୟ ଗୋବିନ୍ଦବାବୁଙ୍କ ଉପସ୍ଥିତିରେ ବିଚାର କରାଯାଇ ଏଥର 'ରାଜ୍ୟସ୍ତରୀୟ ହାସ୍ୟ-ବ୍ୟଙ୍ଗକବି ସମ୍ମିଳନୀ' କରାଯିବାର ନିଷ୍ପତ୍ତି ନିଆଗଲା। ଏଇ ଶୁଭଖବର ମାଇକ୍ ରଙ୍କା ଗୋଖର ସ୍ୱାଇଁଙ୍କ କର୍ଣ୍ଣରେ ପଡ଼ିବାରୁ ତାଙ୍କ ମନ ଉଚ୍ଛନ୍ନହେଲା । ତହୁଁ ସେ ଗୋବିନ୍ଦ ବାବୁଙ୍କୁ ସାକ୍ଷାତକରି ମଞ୍ଚରେ ମୁଖ୍ୟବକ୍ତା ତଥା ବରିଷ୍ଠ ବ୍ୟଙ୍ଗକବି ଭାବେ ନିମନ୍ତ୍ରଣକରି ମଞ୍ଚ ମଣ୍ଡନ କରାଇବାକୁ ଅନୁରୋଧକଲେ । ପୂଜା ଖର୍ଚ୍ଚ ପାଇଁ ଚାନ୍ଦାର ଲୋଭ ଦେଖାଇଲେ। ପୁଣି ଆତ୍ମ ପରିଚୟ ପ୍ରଦାନ ପୂର୍ବକ କହିଲେ, ସେ ହେଉଛନ୍ତି 'ଏକମାତ୍ର ଆନ୍ତର୍ଜାତିକ ବ୍ୟଙ୍ଗକବି' । ସେ କେବଳ ବ୍ୟଙ୍ଗକବି ନୁହନ୍ତି, ବରଂ ବିଖ୍ୟାତ ବକ୍ତା, ସମାଜସେବୀ । ତାଙ୍କ ଭାଷଣ ଓ କବିତା ଶୁଣିବାକୁ ବଡ଼ ବଡ଼ ମଞ୍ଚରେ ଉପସ୍ଥିତ ହେବାକୁ ବର୍ଷକ ଆଗରୁ ନିମନ୍ତ୍ରଣ ଦେଇ ଲୋକେ ଅନେଇ ରହିଥାନ୍ତି। ଥରେ ନିମନ୍ତ୍ରଣକରି ଦେଖନ୍ତୁ, ମୁଁ କିପରି ଭାଷଣରେ ଶ୍ରୋତାଗଣଙ୍କୁ ବଶ କରାଇ, କବିତାରେ ହସ ସାଙ୍ଗରେ ରସ ଭରେଇ ମଞ୍ଚ ତଳେ ବସେଇ ହସେଇ ହସେଇ ଭସେଇପାରେ! ଭରପୂର ମନୋରଞ୍ଜନକରି ମଞ୍ଚ ଦୁଲୁକେଇ ଦେଇପାରେ କହିଲେ ସେ । ବିଚରା ଗୋବିନ୍ଦବାବୁ ଆଗରୁ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ସ୍ଥିରକରି ତାଙ୍କୁ ଜଣାଇଦେଇଥିବାରୁ ଗୋଖରବାବୁଙ୍କୁ



ଖାଲି ଅତିଥି ବ୍ୟଙ୍ଗକବି ଭାବରେ ନିମନ୍ତ୍ରଣ କରିଥିଲେ । ଟିଭିରୁ କବିଙ୍କ ପିନ୍ଧା ପୋଷାକ ଦେଖି ଗୋଖରବାବୁ ପଡ଼ୋଶୀଙ୍କଠାରୁ ପୁରୁଣା ବ୍ଲେଜର ମାଗି ପିନ୍ଧି ଛାତି ଫୁଲେଇ ମଞ୍ଚ ମଣ୍ଡନକଲେ । ମୁରୁକି ହସି ନାଁ କରା ବ୍ୟଙ୍ଗ କବିମାନଙ୍କ ସହ ମିଶି ଗୁଡ଼ାଏ ସେଲ୍ଫି ନେଇ ସୋସିଆଲ ମିଡିଆରେ ଛାଡ଼ି ପକେଇଲେ । ଲାଇଭ୍ କରିଦେଲେ କିଛି ସମୟ ପାଇଁ। ତାଙ୍କୁ ଆୟୋଜକ ମାତ୍ର ୧୦ମିନିଟ୍‌ରେ ସଂକ୍ଷିପ୍ତ ଭାଷଣ ରଖି କବିତା ଗାଇବାକୁ ଡାକିଲେ। ସେ ସମୟଜ୍ଞାନ ଓ ସମୟର ମୂଲ୍ୟ ଜାଣନ୍ତି କହି, ସମୟ ଉପରେ ସଚେତନତାର ଦୀର୍ଘ ଭାଷଣ ମାତ୍ର ଅଧଘଣ୍ଟାଏ ଦେବାପରେ ତାଙ୍କୁ କବିତା ପଢ଼ିବାକୁ କୁହାଗଲା । ତା'ପରେ ବାବୁ ଆରମ୍ଭକଲେ ନିଜ ପାରିବାପଣିଆର ଭାଷଣ । ସେ ହେଉଛନ୍ତି ଜଣେ ବରିଷ୍ଠ ଜ୍ଞାନୀଗୁଣୀ ସର୍ବଜ୍ଞ ବକ୍ତା ତଥା ଅନ୍ତର୍ଜାତୀୟ ବ୍ୟଙ୍ଗକବି; ଯିଏ କି କେଉଁଠି କେତେ ସମ୍ମାନ ପାଇଛନ୍ତି, ମାନପତ୍ର ଗୋଟେଇଛନ୍ତି ତା'ର ଗୋଟିଏ ଗୋଟିଏ ଧାରାବିବରଣୀ ଥୋକେ ସମୟ ଗର୍ଜନ କଲାପରେ ଜଣେ ଅଧୈର୍ଯ୍ୟ ଶ୍ରୋତା ମଞ୍ଚତଳୁ ପାଟିକରି କହିଲେ, ହୋ ଭାଇନା ! ତମ ପ୍ରଶଂସା ଟିକିଏ ବନ୍ଦ କରୁନା ! ଏଥର ତମ ହସ କବିତା ଟିକେ ଶୁଣାଉନା ! ସେତେବେଳକୁ ଅଧାରୁ ଅଧିକ ଲୋକ ପଳେଇଯାଇଥିଲେ । ଆୟୋଜକ ବ୍ୟସ୍ତ ଓ ବିରକ୍ତ ହୋଇପଡ଼ିଥିଲେ। ଅଣାୟତ ଗୋଖର ବାବୁଙ୍କୁ ଆୟୋଜକ ମାଇକ୍ ସାହାଯ୍ୟରେ ଚିଡିକି କହିଲେ, "ଗୋଖରବାବୁ ! କବିତା ଆବୃତ୍ତି କରନ୍ତୁ, ଅନ୍ୟମାନେ ବି ଅଛନ୍ତି, ଆମ ପାଖରେ ବି ବେଶୀ ସମୟ ନାହିଁ।" ତା'ପରେ ଯାହା ଘଟିଲା, ସମସ୍ତେ ଜଳକା ହୋଇ ଚାହିଁରହିଲେ। ହଠାତ୍ ଗୋଖରବାବୁଙ୍କ ଛାତି ଫୁଲିଆ ଭାଷଣର ଗର୍ଜନ, ବୁକୁଫଟା କ୍ରନ୍ଦନରେ ବଦଳିଗଲା । ସର ସର ହୋଇ ବାବୁଙ୍କ ଆଖିରୁ ନାକରୁ ପାଣି ନିର୍ଗତ ହେଲା। ଘନ ଘନ ନାକ ଓ ନୟନ ପୋଛିବା ଦେଖି ଉପସ୍ଥିତ ଲୋକେ ତାଟକା ହୋଇ ଆଖି ତରାଟି ଚାହିଁରହିଲେ। କିଏ ଜଣେ କହିଲେ, ଇଏ ବୋଧେ ଆନ୍ତର୍ଜାତିକ ବ୍ୟଙ୍ଗକବିଙ୍କ ନୂଆ ପ୍ରକାରିଆ ହାସ୍ୟ କବିତା ଗାୟନର ଭିନ୍ନ ଉପକ୍ରମ । ପୁଣି ଆଉ କହିଲେ, ହଇହୋ ବାବୁ ! ଏ ଅବୋଧ ହାସ୍ୟକବିତା ଆମ ଭଳିଆ ମୂର୍ଖ କେମିତି ବୁଝିବୁ? ଟିକେ ଅର୍ଥକରି ବୁଝାଇଦିଅ ! ଏଥର ହାସ୍ୟ-ବ୍ୟଙ୍ଗକାର ବାବୁ ବଖାଣିଲେ ରୋଦନ ବଦନରେ.. "ଆପଣ ମୋତେ ଭଲଭାବରେ ଜାଣନ୍ତି, ମୋ ସମକକ୍ଷ ଏଠାରେ କେହି ଜଣେ ନାହାନ୍ତି । ମାତ୍ର ମୁଁ କବିତା ଗାଇବାକୁ ନାଚାର । ତୁଣ୍ଡରୁ ଶବ୍ଦ ବାହାରୁନି ମୋର । କାରଣ କ'ଣ ଜାଣନ୍ତି? ଏଇ ଅଳ୍ପ ସମୟ ତଳେ ସଦ୍ୟ ଖବର ପ୍ରାପ୍ତହେଲି ଯେ,ମୋ ନିଜ ପିଉସୀ ପୁଅ ଭାଇର ନିଜ ଶାଳୀର ନିଜ ବରର ସାନ ଭିଣେଇର ବାପାଙ୍କର ଗଲା କାଲି ରାତିରେ ମାତ୍ର ଅଠାଅଶୀ ବର୍ଷ ବୟସରେ ଅକାଳ ମୃତ୍ୟୁ ହୋଇଗଲା । ଆପଣ କୁହନ୍ତୁ, ମୋ ଭଳି ପରୋପକାରୀ, ପର ଦୁଃଖରେ ଦୁଃଖୀ ଲୋକର ମନ କ'ଣ ହେଉଥିବ । ତେଣୁ ମୁଁ ଆଉ କୋହ ସମ୍ଭାଳିପାରୁନି। ପୁଣି କିଏ ପାଟିକରି କହିଲା, ହଉ ଏବେ ସେଇ କାନ୍ଦରେ ଛାନ୍ଦ ପକେଇ ଶୁଣାନ୍ତୁ ! ଗୋଖରବାବୁ କହିଲେ.. ନା ନା । ଏପରି ଅବସ୍ଥାରେ ହାସ୍ୟ କବିତା ଗାୟନ ମୃତାତ୍ମା ପ୍ରତି ଅପମାନ । ଲୋକେ କହିଲେ ତେବେ ଆମଠୁ ନିଅ ସଦ୍ୟ ସମ୍ମାନ। ଟେକା ଫୋପାଡ଼ିଲେ, ଜୋତା ପିଙ୍ଗିଲେ। ତେଣେ ସଜ ହୋଇ ଦର୍ଶକ ଭିତରେ ଥିବା ଗୋଖର ବାବୁଙ୍କ ପତ୍ନୀ-କାଳୀ ଭାଉଜ କବିଙ୍କୁ ତଳକୁ ଆସିବାକୁ ଧମକ ଦେଇ ବିଧା ଉଞ୍ଚାଉ ଥିବାର ଦେଖି ଉପସ୍ଥିତ ଶ୍ରୋତା ହସି ହସି ଗଡ଼ିଯାଉଥିଲେ। କାଳୀ ଭାଉଜ କବିଙ୍କ ଉପରେ ଆଜି କାଳୀ ଅବତାର ହେବେ ବୋଲି ଜଣେ ଚିତ୍କାର କରି କହିଲେ। ବିଚରା ମାଇକ୍ ରଙ୍କୁଣା ବାବୁ ଡରି ଥରି ମଞ୍ଚ ତଳକୁ ଓହ୍ଲାଇ ଯାଉ ଯାଉ ପଛକୁ ଦେଖି ଦଆଯାଇଥିବା ଟିଫିନ୍ ପୁଡ଼ିଆ ଦୁଇଟା ଝାମ୍ପିନେଇ ପଳେଇଲା ବେଳେ ଜୋରରେ କରତାଳି ବାଜିବା ଶୁଣି ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କବି ତାଙ୍କ ପତ୍ନୀଙ୍କୁ କହୁଥିଲେ, "ଦେଖିଲ ମୋ ପାଇଁ ତାଳି କେମିତି ହେଉଛି ବର୍ଷଣ। ଶ୍ରୋତାଗଣ ଠିକ୍‌ରେ କରିପାରିଛନ୍ତି ମୋ ଭାଷଣର ମୂଲ୍ୟାଙ୍କନ।"

-ମଙ୍ଗରାଜପୁର, ବୀରହରେକୃଷ୍ଣ, ପୁରୀ
ମୋ: ୭୦୦୮୧୮୮୮୪୭


# ସମୀକ୍ଷାୟନ

## ମଧ୍ୟକାଳୀନ ଓଡ଼ିଆ କାବ୍ୟପ୍ରଭା

**ଡକ୍ଟର ଦାଶରଥି ଆଚାର୍ଯ୍ୟ**

**ପ୍ରକାଶକ- ଅନ୍ନପୂର୍ଣ୍ଣା ପବ୍ଲିଶର୍ସ, ପାଣିଗ୍ରାହୀ ସାହି, ଗୋସାଇଁ ନୂଆଗାଁ, ବ୍ରହ୍ମପୁର-୩, ମୂଲ୍ୟ- ୩୦୦ଟଙ୍କା**

ପୁସ୍ତକରେ ୧୦ଟି ଆଲୋଚନା ପ୍ରକାଶ ପାଇଛି। ଏଥିରେ ଅନାବିଷ୍କୃତ ପ୍ରାକ୍ ଓଡ଼ିଆ ରିତିକବି ପୁରୁଷୋତ୍ତମ ଦାସ (୨ୟ) ଓ 'ଦ୍ୱାରିକା ରାହାସ' କାବ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି । ସେହିପରି ପ୍ରାକ୍ ଭଞ୍ଜୀୟ କାବ୍ୟଧାରା ସହିତ ଉପେନ୍ଦ୍ର ଭଞ୍ଜଙ୍କ ଅଳଙ୍କାର ପ୍ରୟୋଗ କୁଶଳତା ଭଳି ତାତ୍ତ୍ୱିକ ବିଷୟର ଶାସ୍ତ୍ରୀୟ ଅନୁଶୀଳନ କରାଯାଇଛି। ପ୍ରାଚୀନ ଓ ମଧ୍ୟକାଳୀନ ଓଡ଼ିଆ ସାହିତ୍ୟ ତାଳପତ୍ର ପୃଷ୍ଠାରେ ରଚିତ ହୋଇ ଆସିଥିବାରୁ ସେତେବେଳେ ଏହାର ପ୍ରଚାର ଓ ପ୍ରସାର କିଭଳି




ହୋଇଥିଲା ସେ ସମ୍ପର୍କରେ ଅନୁସନ୍ଧାନମୂଳକ ପ୍ରବନ୍ଧ ପ୍ରକାଶିତ ହୋଇଛି। ସେହିପରି ପ୍ରାଚ୍ୟ ମହାକାବ୍ୟ ବିଚାର ଦୃଷ୍ଟିରୁ 'ବୈଦେହୀଶ ବିଳାସ' ମହାକାବ୍ୟିକ ସୌନ୍ଦର୍ଯ୍ୟ ବର୍ଣ୍ଣିତ ହୋଇଛି। ଶେଷରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ନାମରେ ଏକ ସୁନ୍ଦର ପ୍ରବନ୍ଧ ସ୍ଥାନ ପାଇଛି। ପୁସ୍ତକଟି ପ୍ରାବନ୍ଧିକ, ଗବେଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିଶ୍ଚୟ ଆଦୃତି ଲାଭ କରିବ , ଏଥିରେ ସନ୍ଦେହ ନାହିଁ।

## ଶ୍ରୀଜଗନ୍ନାଥ ଐତିହ୍ୟ ଶତକ

**ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର, ପ୍ରକାଶକ-ପ୍ରଭାଂଶୁ ସାମନ୍ତରାୟ ଦିବ୍ୟଦୂତ ପ୍ରକାଶନୀ, ରାଜାବଗିଚା, କଟକ-୯,ମୂଲ୍ୟ-୨୨୫ଟଙ୍କା**

'ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ରଙ୍କ 'ଶ୍ରୀ ଜଗନ୍ନାଥ ଐତିହ୍ୟ ଶତକ' ପୁସ୍ତକ ପ୍ରକାଶିତ ହୋଇଛି। ଏଥିରେ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଲିଖିତ ୧୦୦ ପ୍ରବନ୍ଧ ରହିଛି। ଏଥିରେ ମହାପ୍ରଭୁଙ୍କ ଅନାଲୋଚିତ ଐତିହ୍ୟକୁ ଉପସ୍ଥାପନ କରାଯାଇଛି। ଓଡ଼ିଶାର ପ୍ରଚୀନ ଐତିହ୍ୟର ମାନବବାଦୀ ଓ ସାମାଜିକ ମୂଲ୍ୟବୋଧକୁ ଆଲୋଚନାସ୍ତରକୁ ଆଣିବାରେ ଲେଖକ ମିଶ୍ର ଜଣେ ସଫଳ ବିଧାଣୀ। ଲେଖାଗୁଡିକରେ ସଂସ୍କୃତିଗତ ସଂହତି, ଜୀବନ୍ତ



ଐତିହ୍ୟର ଆଲେଖ୍ୟ, ଓଡିଶାର ସାମରିକ ଐତିହ୍ୟ ଓ ଶ୍ରୀଜଗନ୍ନାଥଙ୍କ ଉପାସନାର ମାନବବାଦୀ ଦୃଷ୍ଟିକୋଣର ରହସ୍ୟ ସ୍ପଷ୍ଟ । ଲେଖାଗୁଡ଼ିକ ବେଶ୍ ଉଚ୍ଚକୋଟୀର ଓ ମନଛୁଆଁ ହୋଇପାରିଛି। ପ୍ରଥମ ଲେଖା 'ପୁର' ପୃଷ୍ଠଭୂମି ଓ ପୁରୀରୁ ଆରମ୍ଭ ହୋଇ ଶେଷ ଲେଖା ଗଡ଼କୋକଲର ବିଦ୍ୟାଘାଟରେ ଶେଷ ହୋଇଛି। ପୁସ୍ତକଟି ସବୁ ବର୍ଗର ପାଠକ ଏବଂ ଇତିହାସ ଉପରେ ରୁଚି ରଖୁଥିବା ବ୍ୟକ୍ତି ବିଶେଷଙ୍କ ଲାଗି ଉପାଦେୟ ହେବ ବୋଲି ଆଶା କରାଯାଏ।

## ଓଡ଼ିଆ ଓ ହିନ୍ଦୀ ଶିଶୁ କବିତା ଏକ ତୁଳନାତ୍ମକ ଅଧ୍ୟୟନ

**ଡକ୍ଟର ଅରୁଣ କୁମାର ପଣ୍ଡା**

**ପ୍ରକାଶକ- କୋଣାର୍କ ପବ୍ଲିଶର୍ସ, ତୁଳସୀପୁର, କଟକ-୮ ମୂଲ୍ୟ- ୫୦୦ଟଙ୍କା**


ପୁସ୍ତକରେ ଓଡ଼ିଆ ଶିଶୁ ସାହିତ୍ୟ ସହିତ ହିନ୍ଦୀ ଶିଶୁ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ କରାଯାଇଛି। ଏଥିରେ ୧୦ ଜଣ ଓଡ଼ିଆ ଓ ୧୦ ଜଣ ହିନ୍ଦୀ ଶିଶୁ କବିମାନଙ୍କ ଉପରେ ଆଲୋଚନା କରାଯାଇଛି । ଓଡ଼ିଆର ପ୍ରମୁଖ କବିମାନେ ହେଲେ ନନ୍ଦ କିଶୋର ସାମଲ, ନଦୀୟା ବିହାରୀ ମହାନ୍ତି, ସ୍ନେହଲତା ମହାନ୍ତି, ବଟକୃଷ୍ଣ ଓଝା, ଜଗନ୍ନାଥ ମହାନ୍ତି, କ୍ଷୀରୋଦ ଚନ୍ଦ୍ର ପୋଥାଳ, ମହେଶ୍ୱର ମହାନ୍ତି, ରାଜକିଶୋର ପାଢ଼ୀ, ସୂର୍ଯ୍ୟମଣି



ସାମନ୍ତରାୟ ଓ ଦାଶ ବେନହୁର। ସେହିପରି ହିନ୍ଦୀର ପ୍ରମୁଖ କବିମାନେ ହେଲେ ଶକୁନ୍ତଳା ସିରୋଠିଆ, ଦ୍ୱାରିକା ପ୍ରସାଦ ମାହେଶ୍ୱରୀ, ନିରଙ୍କାର ଦେବ ସେବକ, ରାମ ବଚନ ସିଂହ ଆନନ୍ଦ, ଦାମୋଦର ଅଗ୍ରୱାଲ, ଶ୍ରୀ ପ୍ରସାଦ, ବିଷ୍ଣୁକାନ୍ତ ପାଣ୍ଡେୟ, ଡ.ରାଷ୍ଟ୍ରବନ୍ଧୁ, ବିନୋଦ ଚନ୍ଦ୍ର ପାଣ୍ଡେୟ ଓ ସୂର୍ଯ୍ୟକୁମାର ପାଣ୍ଡେୟ । ଏଥିରେ ଶିଶୁ ସାହିତ୍ୟର ବିଭିନ୍ନ ଦିଗକୁ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଛି । ଯାହା ପାଠକୀୟ ଆଦୃତି ଲାଭ କରିବ ।

# କଙ୍କାଳ ସହ ପିଇବେ କଫି

**ଥା**ଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ର ଏକ ରେଷ୍ଟୁରାଣ୍ଟ ଏବେ ବେଶ୍ ଚର୍ଚ୍ଚିତ ହେବାରେ ଲାଗିଛି। ରେଷ୍ଟୁରାଣ୍ଟର ନାଁ ହେଉଛି 'ଡେଥ୍ ଆୱେରନେସ୍'କାଫେ। ନାଁରୁ ହିଁ ଜାଣିପାରୁଥିବେ ରେଷ୍ଟୁରାଣ୍ଟଟି ନିଶ୍ଚିତଭାବେ ଖାସ୍ ହେଇଥିବ। କଥା କ'ଣ କି ଏଠି ଆସୁଥିବା ଗ୍ରାହକଙ୍କୁ ଜିଇଥିବା ଅବସ୍ଥାରେ ମୃତ୍ୟୁର ଅନୁଭବ ଦିଆଯାଏ। ଅର୍ଥାତ୍ ଗ୍ରାହକଙ୍କୁ ଫୁଲରେ ସଜ୍ଜିତ ଧଳା ରଙ୍ଗର କଫିନ୍‌ରେ ଶୁଆଇ ଖାଦ୍ୟର ଅର୍ଡର ନିଆଯାଏ। ଜାଣି ଆଶ୍ଚର୍ଯ୍ୟ ହେବେ ରେଷ୍ଟୁରାଣ୍ଟର ଏହି ଅଜବ ଯୋଜନା ହିଁ ଗାହକଙ୍କୁ ଆକୃଷ୍ଟ କରୁଛି। ଲୋକମାନେ ଖୁସିରେ ଉକ୍ତ ରେଷ୍ଟୁରାଣ୍ଟକୁ ଆସୁଛନ୍ତି ଆଉ ନରକଙ୍କାଳଙ୍କ ସହ 'ଡେଥ୍' ଓ 'ପେନ୍‌ଫୁଲ୍' ନାମକ ଡ୍ରିଙ୍କ୍ ଏଞ୍ଜୟ କରୁଛନ୍ତି। ଉକ୍ତ ରେଷ୍ଟୁରାଣ୍ଟ




ଖୋଲିବା ପଛର କାରଣ ହେଉଛି, ଲୋକଙ୍କୁ ନିଜ ଜୀବନର ମୂଲ୍ୟ ବୁଝାଇବା। ଯଦ୍ଦ୍ୱାରା କି ସେମାନେ ଭଲ ଓ ଆନନ୍ଦମୟ ଜୀବନ ଅତିବାହିତ କରିବାକୁ ଚେଷ୍ଟା କରିବେ। ତେଣୁ ଏହି ସ୍ଥାନକୁ 'କିଡ୍ ମଇ ଡେଥ୍ କାଫେ' ବି କୁହାଯାଏ। କିଡ୍ ମଇର ଇଂଲିଶ ଅର୍ଥ ହେଉଛି 'ଥିଙ୍କ୍ ନ୍ୟୁ'।





# ଗୋଲ କିପର୍ କୁକୁର



**ଠି**କ୍ ତାଲିମ ପାଇଲେ କୁକୁରମାନେ ଅସମ୍ଭବ ମନେ ହେଉଥିବା ଅନେକ କାମ କରିପାରନ୍ତି। କଥାଟି ଯଦି ବିଶ୍ୱାସ ନ ହୁଏ ତେବେ ଜାପାନର ପ୍ୟୁରିନ୍ ନାମକ ୯ ବର୍ଷୀୟ ଛୋଟିଆ ହାଉଣ୍ଡ ପ୍ରଜାତିର କୁକୁରକୁ ଉଦାହରଣ ଭାବେ ନେଇପାରିବେ। ମାଲିକ ମାକୋତୋ ମୁଆଗାଇ ତାକୁ ଏଭଳି ତାଲିମ ଦେଇଛନ୍ତି ଯେ, ସେ ପାଲଟିଛି ଏକ ଫୁଟବଲ ଖେଳାଳି। କେବଳ ଯେ ସେ ଫୁଟବଲ ଖେଳେ ତାହା ନୁହେଁ, ବରଂ ପ୍ୟୁରିନ୍ ଜଣେ ଦକ୍ଷ ଗୋଲ କିପର୍ ବି ହୋଇପାରିଛି। ଗୋଲ ନେଟ୍ ସାମ୍ନାରେ ସ୍ପୋର୍ଟ୍ସ ଟି-ଶାର୍ଟ ଓ ଭେଷ୍ଟ ପିନ୍ଧି ପଛ ଦୁଇଗୋଡରେ ଠିଆ ହୋଇ ଆଗ ଦୁଇ ଗୋଡରେ ସେ ବଲ୍‌କୁ ଡିଫେଣ୍ଡ କରି କ୍ୟାଚ୍ କରେ। ୧ ମିନିଟ୍‌ରେ ସେ ୧୪ଟି ମିନି ବଲ୍ କ୍ୟାଚ୍ କରିପାରେ। ଏମିତିକି ତା'ର ମାଲିକ ଯେତୋଟି ବି ବଲ୍ ଫୋପାଡନ୍ତି ପ୍ରାୟ ସବୁ ବଲ୍‌କୁ କ୍ୟାଚ୍ କରିଦିଏ। ୨୦୧୫ରୁ ଦିନକୁ ମାତ୍ର ୧୫ ମିନିଟ ଅଭ୍ୟାସ୍ କରି ଆଜି ପ୍ୟୁରିନ୍ ଗୋଲ୍ ଡିଫେଣ୍ଡ କରିବାରେ ସିଦ୍ଧହସ୍ତ ହୋଇପାରିଛି। ଫଳରେ ସେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଏହାଛଡା ପ୍ୟୁରିନ୍ ନାଁରେ ଆଉ ଏକ ରେକର୍ଡ ବି ଅଛି। ବଲ୍‌କୁ ବାଲାନ୍ସ କରି ଧରି ସବୁଠୁ ଦ୍ରୁତବେଗରେ ୧୦ ମିଟର ଦୌଡି ସେ ଏହି ରେକର୍ଡ କରିଛି।

# ଏତେ ବଡ଼ ଜିନ୍ସ !

**ଜି**ନ୍ସର ଫ୍ୟାଶନ୍ କାହିଁ କେବେଠୁ ରହି ଆସିଛି। ଖାସ୍‌କରି ଯୁବପିଢିଙ୍କ ମଧ୍ୟରେ ଏହାର କ୍ରେଜ୍ ଅଧିକ ଥାଏ। ବହୁତ କମ୍ ଲୋକ ଥିବେ ଯେଉଁମାନେ କି ଜିନ୍ସ ପ୍ୟାଣ୍ଟ ପିନ୍ଧୁ ନ ଥିବେ। ହେଲେ ଏଠି ଯେଉଁ ଜିନ୍ସ କଥା କୁହାଯାଉଛି ତାହା ଏତେ ବଡ଼ ଯେ, ତାକୁ ପିନ୍ଧିବା ଅସମ୍ଭବ। ଏହା କେତେ ବଡ଼ ଅନୁମାନ ବି କରିପାରିବେନି। ଚାଇନାର ଏକ କପଡ଼ା ନିର୍ମାତା କମ୍ପାନୀ ଏହି ଜିନ୍ସକୁ ତିଆରି କରିଛି, ଯାହାକି ପୃଥିବୀର ସବୁଠାରୁ ବଡ଼ ଜିନ୍ସର ମାନ୍ୟତା ପାଇଛି। ୩୦ଜଣ କାରିଗର ୧୮ ଦିନ କାମ କରି ଏହି ବିରାଟକାୟ ଜିନ୍ସ ତିଆରି କରିଛନ୍ତି। ଏହି ଜିନ୍ସର ଲମ୍ବ ୭୬.୩୪ ମିଟର ଓ ଅଣ୍ଟାର ପରିଧି ୫୮.୧୬୪ ମିଟର। ଏହାର ଆକାର ଏତେ ବଡ଼ ଯେ, ଲିନିଂ ଟାୱାର ଅଫ୍ ପିସା ବି ଛୋଟ ଲାଗିବ। ଚାଇନାସ୍ଥ ୟୁଲିନ ସିଟିର ୟିକ୍ସିଂ ଟେକ୍ସଟାଇଲ ଲିମିଟେଡ କମ୍ପାନୀ ଏହାକୁ ତିଆରି କରିଛି। ଏହି ଜିନ୍ସ ତିଆରି କରିବାକୁ ୧୮୦୪୪ ଫୁଟ ୬ ଇଞ୍ଚ ଡେନିମ କପଡା ବ୍ୟବହାର କରାଯାଇଛି। ଏଥିରେ ୭.୮ମିଟର ଲମ୍ବା ଜିପର୍ ଓ ୧.୨ ମିଟର ବ୍ୟାସର ଷ୍ଟେନଲେସ୍ ଷ୍ଟିଲ ବଟନ୍ ଲାଗିଛି। ସେହି ବଟନ୍‌ର ଓଜନ ୩.୬ ଟନ୍। ଏଥିରୁ ହିଁ ଅନୁମାନ କରିପାରୁଥିବେ ଏହା କେତେ ବଡ଼ ହୋଇଥିବ।

